# ନଦୀ ଜଳ ଅଭାବ, ପୁଣି ଭୂତଳ ଉପରେ ଭରସା

## ଯାଜପୁର ଜିଲ୍ଲାରେ ମେଗା ଜଳଯୋଗାଣ ପ୍ରକଳ୍ପ



**ଯାଜପୁର,୧୧।୩(ହର୍ଷବର୍ଦ୍ଧନ ବେହେରା):**

ଆବଶ୍ୟକତା ମେଣ୍ଟାଇ ପାରୁନି ନଦୀଜଳ, ପୁଣି ଭୂତଳ ଜଳ ଉପରେ ଭରସା କରାଯାଇଛି। ମେଗା ଜଳଯୋଗାଣ ପ୍ରକଳ୍ପରେ ପ୍ରତ୍ୟେକ ଟାଙ୍କି ନିକଟରେ ପୁଣି ଖୋଳା ହେଉଛି ବୋରୱେଲ। କେତେକ ଭୂତଳ ଜଳ ବିଷାକ୍ତ ଥିବାରୁ ନଦୀନାଳରୁ ଜଳ ସଂଗ୍ରହ କରି ଟ୍ରିଟମେଣ୍ଟ ପ୍ଲାଣ୍ଟ ଦ୍ୱାରା ସ୍ୱଚ୍ଛ ପାନୀୟ ଯୋଗାଣ କରିବା ଲକ୍ଷ୍ୟ ରଖି ଯାଜପୁର ଜିଲାରେ ନିର୍ମାଣ ହୋଇଥିବା କେତେକ ମେଗା ଜଳଯୋଗାଣ ପ୍ରକଳ୍ପଗୁଡିକର ଏଭଳି ସ୍ଥିତି ହୋଇଛି। ଫଳରେ ଚଳିତ ଖରା ମାସ ପୂର୍ବରୁ ସଂପୃକ୍ତ ଅଞ୍ଚଳବାସୀ ସ୍ୱଚ୍ଛ ପାଣି ନ ପାଇ ଡହଳବିକଳ ହେଉଥିବା ସୂଚନା ମିଳିଛି। ଯାଜପୁର ଜିଲାରେ ଚାଲିଥିବା ୮ଟି ମେଗା ପାଇପ ଜଳଯୋଗାଣ ପ୍ରକଳ୍ପରୁ ଆବଶ୍ୟକ ସ୍ୱଚ୍ଛ ପାନୀୟ ଜଳ ନ ପାଇ ସଂପୃକ୍ତ ଅଞ୍ଚଳବାସୀ ନିରାଶ ହୋଇଛନ୍ତି। ପ୍ରକଳ୍ପ ନିର୍ମାଣରେ ନିୟୋଜିତ ଅଣଓଡ଼ିଆ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ମନମାନି ଯୋଗୁ ଜିଲାର ଗୋଟିଏ ବି ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଲୋକଙ୍କ କାମରେ ଲାଗି ପାରିନାହିଁ। ଜିଲାର ଦଶରଥପୁର ବ୍ଲକର ୩୫ ପଞ୍ଚାୟତର ୧୫୨ ଗ୍ରାମବାସୀଙ୍କ ପାଇଁ ୧୮୧.୭୮କୋଟି ଟଙ୍କାର ମେଗା ପ୍ରକଳ୍ପ ୨୦୧୯ରୁ ଆରମ୍ଭ ହୋଇଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ମେଘା ଇଞ୍ଜିନିୟର ଠିକାସଂସ୍ଥାକୁ ଦିଆଯାଇଛି। ୩୦।୧୨।୨୦୨୧ ସୁଦ୍ଧା ଏହି ପ୍ରକଳ୍ପଗୁଡିକୁ ସାରିବାକୁ ଚୁକ୍ତି ହୋଇଥିଲା। ହେଲେ ଆଜକୁ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପ୍ରକଳ୍ପ ଲକ୍ଷ୍ୟଚ୍ୟୁତ ହୋଇଛି।

ସୂଚନା ଅନୁଯାୟୀ ୩୫ରୁ ୫ପଞ୍ଚାୟତବାସୀଙ୍କ ପାଖକୁ ଏଯାଏ ନିୟମିତ ଭାବେ ସ୍ୱଚ୍ଛ ପାଣି ପହଞ୍ଚିପାରିନାହିଁ। ଏହି ବ୍ଲକ ପାଇଁ ବୈତରଣୀ ନଦୀର ସିଦ୍ଧେଶ୍ୱର ନିକଟରେ ପମ୍ପହାଉସ ନିର୍ମାଣ ହୋଇଛି। ହେଲେ ଏହାର ଉପରମୁଣ୍ଡ ପ୍ରାୟ ୩କି.ମି. ଦୂର ସପ୍ତମାତୃକା ନିକଟରେ ଏକ ବ୍ୟାରେଜ ନିର୍ମାଣ ହୋଇଥିବାରୁ ଖରା ମାସ ଆରମ୍ଭରୁ ପମ୍ପହାଉସକୁ ଆବଶ୍ୟକ ପାଣି ପହଞ୍ଚି ପାରୁନାହିଁ। ଯଦ୍ଵାରା ବାକି ୩୦ ପଞ୍ଚାୟତବାସୀ ସ୍ୱଚ୍ଛ ନଦୀଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଇତିମଧ୍ୟରେ ଯାଜପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆରଡବ୍ଲ୍ୟୁଏସଏସ୍) ବିଭାଗ ପକ୍ଷରୁ ଅତିରିକ୍ତ ଖର୍ଚ୍ଚ କରି ବାକି ସମସ୍ତ ପଞ୍ଚାୟତରେ ନିର୍ମାଣ ହୋଇଥିବା ଟାଙ୍କି ନିକଟରେ ବୋରୱେଲ ଖନନ ଚାଲିଥିବା ସୂଚନା ମିଳିଛି। ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ(ସିଜିଡବ୍ଲୁବି)ର ତଦନ୍ତ ରିପୋର୍ଟରେ ଭୂତଳ ଜଳରେ କ୍ରୋମିୟମ ଅଂଶ ରହିଥିବା ଜଣାପଡିଛି। ଏହାବାଦ ବିଞ୍ଝାରପୁର ଓ ଦଶରଥପୁର ବ୍ଲକ ଅଞ୍ଚଳର କିଛି ସ୍ଥାନରେ ଭୂତଳ ଜଳରେ ଫ୍ଲୋରାଇଡ ଅଂଶ ରହିଥିବା ପୂର୍ବରୁ ସ୍ପଷ୍ଟ ହୋଇ ସାରିଛି। ଏହିକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟ ରଖି ଜିଲାର ବିଭିନ୍ନ ନଦୀରୁ ପାଣି ଉଠାଇ ତାକୁ ବିଶୋଧନ କରି ଅଞ୍ଚଳବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବାକୁ ଯୋଜନା ହୋଇଛି। ହେଲେ ବର୍ତ୍ତମାନ ଭୂତଳ ଜଳ ଯୋଗାଣ କରି ସେହି ସ୍ଥିତିକୁ ଦୋହରା ଯାଉଛି ବୋଲି ମତପ୍ରକାଶ ପାଇଛି।

ମେଗା ଜଳଯୋଗାଣ ପ୍ରକଳ୍ପଗୁଡିକ ନିର୍ମାଣ ପାଇଁ ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ଏବଂ ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ(ଆରଆଇଡିଏଫ୍)ରୁ ମଞ୍ଜୁର ପ୍ରାୟ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଖଣି ପ୍ରଭାବିତ ସୁକିନ୍ଦା ବ୍ଲକରେ ଓଏମବିଏଡିସି ୨୩୩.୦୪ କୋଟି ଟଙ୍କାର ୩ଟି ପ୍ରକଳ୍ପ ୨୦୧୭ରୁ ଆରମ୍ଭ ହୋଇଛି। ତଥାପି ଗୋଟିଏ ବି ପ୍ରକଳ୍ପରୁ ନିର୍ଦ୍ଧାରିତ ଗ୍ରାମଗୁଡିକୁ ଆବଶ୍ୟକ ଜଳଯୋଗାଣ ହୋଇ ପାରିନାହିଁ। ଏହାବାଦ ଦାନଗଦି, ବଡ଼ଚଣା, ଧର୍ମଶାଳା, ରସୁଲପୁର, ଯାଜପୁର, ବିଞ୍ଝାରପୁର ଓ ଦଶରଥପୁର ବ୍ଲକ ଅଞ୍ଚଳବାସୀଙ୍କ ପାଇଁ ୨୦୧୯-୨୦ରୁ ନିର୍ମାଣାଧୀନ ୫ଟି ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଲୋକଙ୍କ କାର୍ଯ୍ୟରେ ଲାଗି ପାରିନାହିଁ। ସଂପୃକ୍ତ ଅଣଓଡ଼ିଆ ଠିକାସଂସ୍ଥା ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ(ଏନସିସି), ମେଘା ଇଞ୍ଜିନିୟର ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଲିଃ(ମେଲ), କେଇସି ସଂସ୍ଥା କର୍ତ୍ତୃପକ୍ଷ ବିଭାଗୀୟ ଅଧିକାରୀଙ୍କ ତାଗିଦକୁ ଅଣଦେଖା କରୁଥିବାରୁ ପ୍ରକଳ୍ପଗୁଡିକର ଅଗ୍ରଗତି ଅତି ନୈରାଶ୍ୟଜନକ ସହ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଚଣ୍ଡିଖୋଲର ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ମାର୍ଥାଙ୍କ ମତାମତ ନେବାକୁ ବୁଧବାର ସନ୍ଧ୍ୟାରେ ତାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

## ସଂକ୍ଷେପରେ

### ଖବରଦାତାଙ୍କୁ ଆକ୍ରମଣ: ଜଣେ ଗିରଫ

**କଳିଙ୍ଗନଗର,୧୧।୩ (ଶୁଭାଶିଷ ରାଉତ):** ଦାନଗଦି ହାଟ ନିକଟରେ ଖବରଦାତା ମହେନ୍ଦ୍ର ନାଥ(୪୯)ଙ୍କୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା୩୦ରେ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଆକ୍ରମଣକାରୀଙ୍କଠାରୁ ପୋଲିସ ଏକ ବାଇକ୍, ଆକ୍ରମଣରେ ବ୍ୟବହୃତ ଲୁହା ଛଡ଼ ଓ ଲୁଟ ଟଙ୍କା ଜବତ କରିଛି।

ମହେନ୍ଦ୍ର ତାଙ୍କ ପୁଅଙ୍କୁ ପରୀକ୍ଷା କେନ୍ଦ୍ରରୁ ଧରି ବାଇକରେ ଦାନଗଦି ଗାଁ ରାସ୍ତାରେ ଯାଉଥିବା ସମୟରେ ଦାନଗଦି ପାତ୍ର ସାହିର ସନ୍ତୋଷ ପାତ୍ର (୪୭) ଓ ତାଙ୍କର ଅନ୍ୟ ୨ ସାଥୀ ରାସ୍ତା ବନ୍ଦ କରି ରଖିଥିଲେ। ରାସ୍ତାରୁ ବାଇକ ହଟାଇବା ପାଇଁ ମହେନ୍ଦ୍ର କହିବାରୁ ଏହାକୁ ନେଇ ସେମାନେ ହଠାତ ଉତ୍ତେଜିତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ଧକ୍କା ମାରିଥିଲେ। ମହେନ୍ଦ୍ର ସେଠାରୁ ଚାଲି ଆସି ଘରେ ପହଞ୍ଚି ଫୋନ ଯୋଗେ ଦାନଗଦି ପୋଲିସକୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ପୋଲିସ ପହଞ୍ଚିବା ପୂର୍ବରୁ ମହେନ୍ଦ୍ର ପୁଣି ସେଠାରେ ପହଞ୍ଚିଥିବାରୁ ଲୁହା ଛଡ଼ ଓ ବ୍ଲେଡ ଧରି ପ୍ରସ୍ତୁତ ରହିଥିବା ଉପରୋକ୍ତ ୩ ବ୍ୟକ୍ତି ତାଙ୍କୁ ହଠାତ ଆକ୍ରମଣ କରିଥିଲେ। ସନ୍ତୋଷ ଏକ ଲୁହା ରଡ଼ରେ ମହେନ୍ଦ୍ରଙ୍କ ଆଣ୍ଠୁକୁ ପିଟିବା ଫଳରେ ମହେନ୍ଦ୍ର ତଳେ ପଡ଼ି ଛଟପଟ ହୋଇଥିଲେ। ଏହାପରେ ସମ୍ପୃକ୍ତ ୩ ଜଣ ତାଙ୍କୁ ବିଧାଗୋଇଠା ମାରିବା ସହିତ ମହେନ୍ଦ୍ରଙ୍କ ସୁନା ମୁଦି ଓ ୪୩୦୦ ଟଙ୍କା ଛଡ଼ାଇ ନେଇଥିଲେ। ପୋଲିସ ଗାଡ଼ି ସେଠାରେ ପହଞ୍ଚିବା ଦେଖି ସମସ୍ତେ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସନ୍ତୋଷଙ୍କୁ ଗୋଡ଼ାଇ ଧରିଥିଲା। ଗୁରୁତର ମହେନ୍ଦ୍ର କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଖବରଦାତାଙ୍କ ଉପରେ ଏପରି ଆକ୍ରମଣକୁ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଫେରାର୍ ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

### ସାମାଜିକ କର୍ମୀଙ୍କ ପରଲୋକ

**କାଳିଆପାଣି,୧୧।୩(ଅସିତ ମହାନ୍ତ):** କାଳିଆପାଣି ଥାନା ଅନ୍ତର୍ଗତ ରାଂସୋଲ ପଞ୍ଚାୟତ ରାଁସୋଲ ଗାଁର ସାମାଜିକ କର୍ମୀ ବିଶ୍ୱନାଥ ମହାନ୍ତ(୫୯)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ ମଙ୍ଗଳବାର ରାତିରେ ସୋଇଥିବାବେଳେ



ସକାଳୁ ପରିବାର ଲୋକେ ତାଙ୍କୁ ଉଠାଇଥିଲେ। ହେଲେ ସେ ଉଠି ନ ଥିଲେ। ଏହାପରେ ପରିବାର ଲୋକେ ତାଙ୍କୁ ତୁରନ୍ତ ସୁକିନ୍ଦା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ବିଶ୍ୱନାଥ ପୂର୍ବରୁ ଟାଟା ଅଧୀନ ଅଟୁଆଲରେ କାର୍ଯ୍ୟ କରୁଥିଲେ। ସେ ଜଣେ ସୁପରିଚିତ, ମିଷ୍ଟଭାଷୀ ଓ ମେଳାପି ବ୍ୟକ୍ତି ଥିଲେ। ତାଙ୍କର ସ୍ତ୍ରୀ ଓ ୨ ପୁଅ ଅଛନ୍ତି।

# ଇନରହୁଇଲ କ୍ଲବ ପକ୍ଷରୁ ମହିଳା ଦିବସ ପାଳିତ




ମହିଳା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା,୧୧।୩(ବଟକୃଷ୍ଣ ପରିଡା):**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଇନରହୁଇଲ କ୍ଲବ ପକ୍ଷରୁ ସ୍ଥାନୀୟ ଧର୍ମଶାଳା ମହିଳା ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସଭାନେତ୍ରୀ ଲୋପାମୁଦ୍ରା ଷେଣ୍ଟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ ଉପକୁଳପତି କୁମରବର ଦାସ ଯୋଗଦେଇ ଜୀବନରେ ମାର୍ଗ ଭୁଲ୍ ହୋଇଗଲେ ଲକ୍ଷ୍ୟ ମରୀଚିକା ପାଲଟିଯାଏ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବରେ ପିଙ୍ଗୁଆ ଜଗନ୍ନାଥ ଜୀଉ କଲେଜର ଅଧ୍ୟାପିକା ରଶ୍ମିବାଳା ମହାନ୍ତି ଓ ସମ୍ମାନିତ ଅତିଥି ଭାବରେ ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦୁପ୍ରଭା ସାମଲ ଯୋଗଦେଇ ପୁରାଣରେ ନାରୀମାନଙ୍କ ସାହସ ଓ

## ଛାତ୍ରୀଙ୍କୁ ସ୍ୱୟଂସିଦ୍ଧା ହେବାକୁ ପରାମର୍ଶ

ସ୍ୱାଭିମାନ ଏବଂ ସାମ୍ପ୍ରତିକ ସମୟରେ ଭାରତୀୟ ନାରୀଙ୍କ ଭୂମିକା ସମ୍ପର୍କରେ ବିଭିନ୍ନ ନାରୀଙ୍କ ଉଦାହରଣ ଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ କହିବା ସହିତ ସ୍ୱୟଂସିଦ୍ଧା ହେବା ପାଇଁ ପରାମର୍ଶ ଦେଇଥିଲେ। ଶକୁନ୍ତଳା ମହାନ୍ତି, ଶୁଭଲକ୍ଷ୍ମୀ କର ଓ ଅର୍ଚ୍ଚନା ସ୍ୱାଇଁ ପ୍ରମୁଖ ଯୋଗଦେଇଥିବା ତିନି ଅତିଥିଙ୍କ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ପିପି ମିନତି ସାହୁ ସ୍ୱାଗତ ସଂଗୀତ ଓ ମାଧୁରୀ ଶତପଥୀ ଶ୍ଳୋକ ପାଠ କରିଥିଲେ। କାର୍ଯ୍ୟକ୍ରମରେ ରୋଟାରି ଓ ଇନରହୁଇଲ କ୍ଲବର ସଦସ୍ୟଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ। ପିପି କଳ୍ପନା ପରିଡ଼ା ଧନ୍ୟବାଦ ଦେଇଥିଲେ।

# ମୁନ୍‌ସୀ ମେଳଣ କମିଟି ପକ୍ଷରୁ ହାଟପଡ଼ିଆ ସଫେଇ



ମୁନ୍‌ସୀ ମେଳଣ କମିଟି ପକ୍ଷରୁ ହାଟପଡ଼ିଆ ସଫେଇ କରାଯାଉଛି।

**ଧର୍ମଶାଳା,୧୧।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ହାଟପଡ଼ିଆକୁ ବୁଧବାର ମୁନ୍‌ସୀ ମେଳଣ କମିଟି ପକ୍ଷରୁ ସଫେଇ କରାଯାଇଛି। ଐତିହାସିକ ଧର୍ମଶାଳା ମୁନ୍‌ସୀ ମେଳଣ ଗତ ୬ତାରିଖରେ ଆରମ୍ଭ ହୋଇ ୭ତାରିଖ ଅପରାହ୍ନରେ ଉଦ୍‌ଯାପିତ ହୋଇଥିଲା। ଏଥିରେ ବହୁ ବିମାନ ସାମିଲ ହୋଇ ହୋରି ଖେଳି ଥିଲେ। ହୋରି ଉପଲକ୍ଷେ ବହୁ ବ୍ୟବସାୟ ପ୍ରତିଷ୍ଠାନ ବସିଥିଲା। ଫଳରେ ଧର୍ମଶାଳା ହାଟ ପଡ଼ିଆରେ ଜରି, କାଗଜ, ଦନା ଓ ଅନ୍ୟାନ ଅବର୍ଜନା ପଡ଼ିରହିଥିଲା। ମେଳଣ କମିଟି ସଦସ୍ୟଙ୍କ ନିଷ୍ପତ୍ତିକ୍ରମେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟି ସଭ୍ୟ ଓ ଆମ ପୋଲିସ ସମିତି ପକ୍ଷରୁ ସଫେଇ କାର୍ଯ୍ୟ କରାଯାଇଥିଲା। ଏଥିରେ ମେଳଣ କମିଟି ସଭାପତି ତଥା ଥାନା ଅଧିକାରୀ ଚିନ୍ମୟୀ ସାହୁ, ଉପସଭାପତି ଗଗନ ବିହାରୀ ବରାଳ, ସମ୍ପାଦକ ପ୍ରମୋଦ ଦାସ, କୋଷାଧ୍ୟକ୍ଷ ମନୋଜ ରାଉଳ, ସାଂସ୍କୃତିକ ସମ୍ପାଦକ ପ୍ରବୋଧ ପାତ୍ର, ସଂଯୋଜକ ନୃସିଂହ ଚରଣ ମହାନ୍ତି, ଗଙ୍ଗାଧର ମହାରଣା, ରବୀନ୍ଦ୍ର ମହାନ୍ତିଙ୍କ ସମେତ ସଭ୍ୟମାନେ ଉପସ୍ଥିତ ରହି ସଫେଇ କାର୍ଯ୍ୟ ହାତକୁ ନେଇଥିଲେ। ଆମ ପୋଲିସ ପକ୍ଷରୁ ଜାରକା ବିଟ୍ ହାଉସ୍ ଅଧିକାରୀ ବିଜୟ ବେହେରା, ଏଏସ୍‌ଆଇ ଅରୁଣିମା ମହାପାତ୍ର, ଝୁନୁ ସେଠୀ, ପ୍ରଭାତ ଜେନା, ପ୍ରବୋଧ ଦାସ, ମନୋଜ ବିଶ୍ୱାଳ ଓ ନିତ୍ୟାନନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଚୋରା ମଦ ବିକ୍ରି ବନ୍ଦ ପାଇଁ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମହିଳାମାନେ।

**ଯାଜପୁରଟାଉନ,୧୧।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଚୋରା ମଦ ବିକ୍ରି ବନ୍ଦ ପାଇଁ ବନ୍ଧଡ଼ିହ ଅଞ୍ଚଳର ମହିଳାମାନେ ମଙ୍ଗଳବାର ଅପରାହ୍ନରେ ଯାଜପୁର ଜିଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରସୁଲପୁର ଅବକାରୀ ଥାନା ଅଧୀନ ବନ୍ଧଡ଼ିହ ପଞ୍ଚାୟତରେ ଦୀର୍ଘ ବର୍ଷ ହେବ ଜଣେ ବ୍ୟକ୍ତି ଚୋରା ମଦ ବେପାର କରୁଛନ୍ତି। ଏହି ଚୋରା ମଦ ବେପାର ସମୟରେ ନାନା ରକମର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ମହିଳା ତଥା ଛାତ୍ରୀମାନେ ରାସ୍ତା ଦେଇ ଯିବା ସମୟରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏନେଇ ବହୁବାର ଗ୍ରାମର ମହିଳାମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ, ଯାହାକୁ ନେଇ ଗତ ସୋମବାର ସାହାପଡ଼ା ଗ୍ରାମ ନିକଟ କାଳୀ ମନ୍ଦିର ଛକରେ ଥିବା ସମ୍ପୃକ୍ତ ଚୋରା ମଦ ବେପାରୀଙ୍କ ଘର ଆଗରେ ଶତାଧିକ ମହିଳା ଏକାଠି ହୋଇ ଟାୟାର ଜାଳି ଦୀର୍ଘ ୩ ଘଣ୍ଟା ଧରି ପ୍ରତିବାଦ କରିଥିଲେ। ଘଟଣାସ୍ଥଳରେ ବ୍ରହ୍ମବରଦା ପୋଲିସ ପହଞ୍ଚିଥିଲେ ହେଁ ମଦ ବେପାରୀ ଫେରାର ହୋଇଯାଇଥିଲେ। ଏହାପରେ ମହିଳାମାନେ ବ୍ରହ୍ମବରଦା ଥାନାରେ ପହଞ୍ଚି ଚୋରା ମଦ କାରବାର ବନ୍ଦ କରିବା ସହିତ ମଦ ବେପାରୀଙ୍କୁ ଗିରଫ କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ।

## ସାମାଜିକ କର୍ମୀ ସୁଧୀର ମିଶ୍ରଙ୍କ ପରଲୋକ

**ଚଣ୍ଡିଖୋଲ,୧୧।୩ (ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ବ୍ଲକ ମାଣ୍ଡୁକା ପଞ୍ଚାୟତ ଭାକୁଡ଼ ଗ୍ରାମର ସାମାଜିକ କର୍ମୀ ସୁଧୀର ମିଶ୍ରଙ୍କ (୭୫) ବୁଧବାର ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ସାମାଜିକ କର୍ମୀ ଭାବେ ମାଣ୍ଡୁକା ଏବଂ ବାଲିଚନ୍ଦ୍ରପୁର ଅଞ୍ଚଳରେ ବେଶ ପରିଚିତ ଥିଲେ। ଗତ କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଭିତରେ ଗତି କରୁଥିଲେ। ସେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ରଙ୍କ ଘନିଷ୍ଠ ସହଯୋଗ ହୋଇ ନିଜ ଗ୍ରାମ ତଥା ପଞ୍ଚାୟତର ବହୁ ବିକାଶ ମୂଳକ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ କଂଗ୍ରେସ ନେତା ଅଜୟ ସାମଲ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, କବି ପ୍ରଶାନ୍ତ କର, ସଞ୍ଜୟ କର, ସନ୍ତୋଷ ବେହେରା, ସୁବାସ ପରିଡା, ଅଶୋକ ଦାସ, ଅରକ୍ଷିତ ସିଂହ ଓ ସରୋଜ ପରିଡ଼ାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# କୁକୁଡ଼ା ଆଣିବାକୁ ଯାଉଥିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ, ଖଲାସୀ ମୃତ

**ରସୁଲପୁର,୧୧।୩(ରଞ୍ଜିତ ରାଉତ):**

ଧର୍ମଶାଳା ଥାନା ରସୁଲପୁର ବ୍ଲକ ୧୬ ନମ୍ବର ଜାତୀୟ ରାଜପଥର ବାରବାଟୀ ଦୁର୍ଗାପୁର ଓଭର ବ୍ରିଜରେ ବୁଧବାର ଏକ କୁକୁଡ଼ା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଉକ୍ତ ଦୁର୍ଘଟଣାରେ ଚାଳକ ବର୍ତ୍ତି ଯାଇଥିବାବେଳେ ଖଲାସୀଙ୍କ ମୃତ୍ୟୁ ହୋଇଛି। ମୃତକ ଯାଜପୁର ସଦର ଥାନା ମଲପଡ଼ା ଗ୍ରାମର ରଞ୍ଜନ ଜେନା(୫୨) ବୋଲି ଜଣାପଡିଛି। ଗାଡ଼ି କୁକୁଡା ଆଣିବାକୁ କୁଆଖିଆରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ସମୟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ଫଳରେ ଗାଡ଼ିରେ ବସିଥିବା ଖଲାସୀ ଜଣକ ଚାପି ହୋଇଯାଇଥିଲେ। ଖବର ପାଇ ରସୁଲପୁର ଅଗ୍ନିଶମ ଅଧିକାରୀ ପ୍ରସନ୍ନ ପରିଜାଙ୍କ ନେତୃତ୍ୱରେ ହାବିଲଦାର ଦୀପକ ନାୟକ, ରାମଚନ୍ଦ୍ର ବେହେରା, ଆଗ୍ନିକ ଗୌତମ ସାହୁ, ବିରେନ ମହାନ୍ତି, ଧୀରେନ ବେହେରା, ଅମିତ ରାଉତ ପ୍ରମୁଖ ପହଞ୍ଚି ଗାଡ଼ିରେ ଫସି ରହିଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧର୍ମଶାଳା ପୋଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ଥାନାରେ ନଂ.୧୦୨/୨୬ରେ ମାମଲା ରୁଜୁ ହୋଇଛି।

# ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ

**ବଡ଼ଚଣା,୧୧।୩(ଦିଲୀପ କୁମାର ମହାନ୍ତି):**

ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏଥିରେ ସଭାପତି ପଦ ପାଇଁ ଦେବରାଜ ବେହେରା, ଶରତ ଷଡ଼ଙ୍ଗୀ, ସୁରେଶ ଚନ୍ଦ୍ର ପଣ୍ଡା, ଉପସଭାପତି ପଦପାଇଁ ଜ୍ଞାନେଶ ମହାନ୍ତି, ଶ୍ରୀକାନ୍ତ ବଳ, ସମ୍ପାଦକ ପଦ ପାଇଁ ଜନ ବେହେରା, ପ୍ରକାଶ ଦାସ, ଯୁଗ୍ମ ସମ୍ପାଦକ ପାଇଁ ସୁବ୍ରତ କବି, ତରୁଣକାନ୍ତ ବିଶ୍ୱାଳ, କୋଷାଧ୍ୟକ୍ଷ ପାଇଁ ବେବିନା ଓଝା, ରୋଜାଲିନ ସାହୁ, କ୍ରୀଡ଼ା ସମ୍ପାଦକ ପାଇଁ ସରୋଜ ସାହୁ, ସୁନୀଲ ଜେନା, ସାଂସ୍କୃତିକ ସମ୍ପାଦକ ପାଇଁ ବିଜୟ ରାଉଳ, ଦୀନବନ୍ଧୁ ନାୟକ, ପାଠାଗାର ସମ୍ପାଦକ ପାଇଁ ଇନ୍ଦିରା ପ୍ରିୟଦର୍ଶିନୀ ଜେନା, ଲକ୍ଷ୍ମୀପ୍ରିୟା କର, କାର୍ଯ୍ୟକାରୀ କମିଟି ସଭ୍ୟ(ମହିଳା) ଲକ୍ଷ୍ମୀ ପ୍ରିୟା ବେହେରା, ଲକ୍ଷ୍ମୀପ୍ରିୟା କର, ମାନସୀ ରଥ, କାର୍ଯ୍ୟକାରୀ କମିଟି ସଭ୍ୟ(ପୁରୁଷ) ମନିର ମହମ୍ମଦ, ନିଶିକାନ୍ତ ମଲ୍ଲିକ, ପରମାନନ୍ଦ ସାହୁ, ପ୍ରିୟଗୋବିନ୍ଦ ଦାସ ପ୍ରମୁଖ ନିଜର ପ୍ରାର୍ଥୀପତ୍ର ନିର୍ବାଚନ ଅଧିକାରୀ ରେଣୁବାଳା ମହାନ୍ତି, ସହନିର୍ବାଚନ ଅଧିକାରୀ ସସ୍ମିତ ମହାପାତ୍ର ଏବଂ ଶଶାଙ୍କ ଶେଖର ଶତପଥୀଙ୍କ ନିକଟରେ ଦାଖଲ କରିଛନ୍ତି। ଆସନ୍ତା ୧୩ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ। ୧୪ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ମହାନ୍ତି ସୂଚନା ଦେଇଛନ୍ତି।

# ଯାଜପୁରକୁ ହରାଇ ଖାନନଗର ଚାମ୍ପିୟନ

## ମା' କନକ ଦୁର୍ଗା ଭଲିବଲ ଟୁର୍ନାମେଣ୍ଟ

**ବିଞ୍ଝାରପୁର,୧୧।୩(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁରସ୍ଥିତ ବଂଶୀପୁର ଖେଳପଡ଼ିଆରେ ମା'କନକ ଦୁର୍ଗା କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର କ୍ଲବ୍‌କୁ ୧୫-୧୩ରେ ହରାଇ ଖାନନଗର ଚାମ୍ପିୟନ ହୋଇଛି। କ୍ଲବ ପକ୍ଷରୁ ଚାମ୍ପିୟନ ଟିମକୁ ୫୦୦୦ ଟଙ୍କା ଏବଂ ରନର୍ସଅପ ଟିମ୍‌କୁ ୩୦୦୦ ଟଙ୍କା ଆର୍ଥିକ ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଟ୍ରଫି ପ୍ରଦାନ ଉତ୍ସବରେ ଅତିଥି ଭାବରେ ସାମାଜିକ କର୍ମୀ ପଦ୍ମାକର ଗୁରୁ, ବିଷ୍ଣୁଚରଣ ବାରିକ, ଦଶରଥ ସାହୁ, ତପନ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନିରୋଦ କୁମାର ସାହୁ ଓ ରମେଶ ସାହୁ ଯୋଗଦେଇ



ଚାମ୍ପିୟନ ଟିମ୍‌କୁ ଅତିଥି ପୁରସ୍କୃତ କରୁଛନ୍ତି।

ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବତନ ସେନା କର୍ମଚାରୀ ଅନିଲ ନାୟକ, ଶିକ୍ଷାବିତ ପ୍ରଭାତ ସାହୁ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟକୁ ଆଲୋକ କୁମାର ଦାସ ଓ ମା' କନକ ଦୁର୍ଗା କ୍ଲବର ସଦସ୍ୟ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଭଲିବଲ ଟିମ ଅଂଶଗ୍ରହଣ କରିଥିଲେ।

# ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଆବଶ୍ୟକ

**ଚଣ୍ଡିଖୋଲ,୧୧।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ମିଳିଛି। ମାତ୍ର ଆମ ଭିତରେ ଭାଷା ପ୍ରତି ଥିବା ଆନ୍ତରିକତା ଧୀରେଧୀରେ କମିଯାଉଛି। ବିଭିନ୍ନ ସରକାରଙ୍କ ସମୟରେ ଯେଉଁ ପ୍ରଚେଷ୍ଟା କରାଯାଇଛି ତାହା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରୁନାହିଁ। ତେଣୁ ଓଡ଼ିଆ ଭାଷା ସାହିତ୍ୟର ଅଧିକ ପ୍ରଚାର ପ୍ରସାର ଆବଶ୍ୟକତା ରହିଛି ବୋଲି ବୁଧବାର ବାଲିଚନ୍ଦ୍ରପୁରଠାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ଓଡ଼ିଆ ଚେତନା ପରିଷଦ ଓ ବାଲିଚନ୍ଦ୍ରପୁର ପ୍ରେସ୍‌କ୍ଲବ ମିଳିତ ଆନୁକୂଲ୍ୟରେ ବାଲିଚନ୍ଦ୍ରପୁର ପ୍ରେସ୍‌କ୍ଲବ ପରିସରରେ ପରିଷଦର ସଂଯୋଜକ ବିଳାସ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶିଷ୍ଟ କବି ରୁଦ୍ର ପ୍ରସନ୍ନ ସାମଲ ମୁଖ୍ୟ ଅତିଥି,



ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି, ପ୍ରଭାସ କୁମାର ଦାଶ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାକୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଚଳନର ଆବଶ୍ୟକତା ଉପରେ ଗୁରୁତ୍ୱଆରୋପ କରିଥିଲେ। ଓଡ଼ିଆ ଚେତନା ପରିଷଦ ମାହାଙ୍ଗାର ଆବାହକ ଅମରେନ୍ଦ୍ର ସିଂହ ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେସକ୍ଲବ ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ସେକ୍ ଇକବଲ ହୁସେନ, ନାରାୟଣ ଦାସ, ଉପେନ୍ଦ୍ର କୁମାର ସାହୁ, ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ରଣଜିତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଶ୍ରୀବଳଦେବଜୀଉ ମନ୍ଦିର ହୁଣ୍ଡିରୁ ୪,୪୫,୧୯୦ ଟଙ୍କା ଆୟ

**କେନ୍ଦ୍ରାପଡ଼ା, ୧୧।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରସ୍ଥିତ ଜଗମୋହନ ହୁଣ୍ଡି ବୁଧବାର ଗଣତି ହୋଇଛି। ଏଥିରେ ମୋଟ ୪,୪୫,୧୯୦ ଟଙ୍କା ଆୟ ହୋଇଥିବା ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନିର୍ଦ୍ଦିଷ୍ଟ ଅନ୍ତର ସମୟ ଅବଧି ମଧ୍ୟରେ ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ହୁଣ୍ଡିଗୁଡିକ ଖୋଲା ଯାଇଥାଏ। ଏହି କ୍ରମରେ ସକାଳ ସମୟରେ ଜଗମୋହନସ୍ଥିତ ହୁଣ୍ଡି ଖୋଲାଯାଇଥିଲା। ଗଣତି ସମୟରେ ଟ୍ରଷ୍ଟ ସଭ୍ୟ ଧୀରେନ କୁମାର ସାହୁ, ନୃସିଂହ ପ୍ରସାଦ ପ୍ରତି, ଟ୍ରଷ୍ଟ ବୋର୍ଡ କର୍ମଚାରୀ ଶରତ ଚନ୍ଦ୍ର ପାତ୍ର, ପୌରପାଳିକା କର୍ମଚାରୀ ପତିତପାବନ ଲେଙ୍କା ଓ ନାରାୟଣ ପ୍ରସାଦ ଜେନା ପ୍ରମୁଖ ସାମିଲ ହୋଇଥିଲେ।

### ଲୁଣାନଦୀରେ ବୁଡ଼ିଯାଇ ଯୁବକଙ୍କ ମୃତ୍ୟୁ

**ମାର୍ଶାଘାଇ, ୧୧।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ବଛରାଇ ପଞ୍ଚାୟତ ଗୋଧନ ଗ୍ରାମ ନିକଟରେ ଥିବା ଲୁଣା ନଦୀରେ ଗାଧୋଇବା ସମୟରେ ପ୍ରଖର ସ୍ରୋତରେ ଭାସିଯାଇ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ଗୋଧନ ଗ୍ରାମର ଆସମାନ ରାଉତ(୨୨) ଓରଫ ଗୁଡ୍ଡୁ । ବୁଧବାର ମଧ୍ୟାହ୍ନରେ ତାଙ୍କ ଭାଇଙ୍କ ସହ ନଦୀଙ୍କୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ନଦୀର ଗଭୀର ଜଳକୁ ଚାଲିଯାଇଥିଲେ। ଗ୍ରାମ ଲୋକ ଓ ମାର୍ଶାଘାଇ ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି କରିବାପରେ ନଦୀରୁ ତାଙ୍କୁ ଉଦ୍ଧାର କରାଯାଇ କେନ୍ଦ୍ରାପଡ଼ା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା

**ରାଜନଗର, ୧୧।୩ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମିୟ କୁମାର ଦାସ ସଭାପତିତ୍ୱ କରିଥିଲେ। ଏଥିରେ ଯୁକ୍ତ ୩ ଜାତୀୟ ସେବା ଯୋଜନା ସଂସ୍ଥା ପ୍ରୋଗ୍ରାମ ଅଫିସର ଡ.ଆଲୋକ ବେହେରା ସଭା ପରିଚାଳନା କରିଥିଲେ। ସଡ଼କ ସୁରକ୍ଷାର ନିୟମାବଳୀ ଓ କିପରି ଦୁର୍ଘଟଣାକୁ ଏଡାଇ ପାରିବା ସେ ସମ୍ବନ୍ଧରେ ମତାମତ ରଖିଥିଲେ। ଉଚ୍ଚ ଶିକ୍ଷା ବିଭାଗ ତରଫରୁ ସଡ଼କ ସୁରକ୍ଷା ସଚେତନତାର ଏକ ଭିଡିଓ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ନିୟମାବଳୀ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ଏହାର ବିଭିନ୍ନ ଚିହ୍ନ ଓ ଟ୍ରାଫିକ ନିୟମ ପାଳନର ଗୁରୁତ୍ୱ ବିଷୟରେ ଆଲେଚନା କରିଥିଲେ।

### ପଞ୍ଚାୟତସ୍ତରୀୟ ଜନଶୁଣାଣି, ସଚେତନତା

**ମୃତ୍ତିକା ସଂରକ୍ଷଣ ଅଧିକାରୀ ଅନୁପସ୍ଥିତ ନେଇ ଜିଲାପାଳଙ୍କୁ ଅବଗତ**

**ପାଟକୁରା, ୧୧।୩ (ରବୀନ୍ଦ୍ର ନାଥ ବାରିକ)**

ପଞ୍ଚାୟତସ୍ତରୀୟ ଜନଶୁଣାଣି ଓ ସଚେତନତା ଶିବିର ପ୍ରଥମ ଥର ପାଇଁ ଗରଦପୁର ବ୍ଲକରେ ବୁଧବାର ଆରମ୍ଭ ହୋଇଛି। ବ୍ଲକର ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏହାର ଶୁଭାରମ୍ଭ ହୋଇଛି। ଏଥିରେ ବିଡିଓ ଆଲୋକ କୁମାର ସେଠୀ, ପଞ୍ଚାୟତ ଅଧିକାରିଣୀ ପାର୍ବତୀ ବାରିକ, ସରପଞ୍ଚ ଅନସୂୟା ବେହେରାଙ୍କ ସମେତ ସରକାରଙ୍କ ସମସ୍ତ ବିଭାଗ ଅଧିକାରୀ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଜନଶୁଣାଣି କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଶିବିରରେ ଭତ୍ତା, ଆବାସ ଗୃହ, ଶ୍ରମ କାର୍ଡ ସମେତ ୧୩ ଅଭିଯୋଗର ଶୁଣାଣି କରି ସମାଧାନ ପାଇଁ ବିଡିଓ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବ୍ଲକ ଶିକ୍ଷା ଅଧିକାରୀ ଅଜୟ ସେଠୀ, ଶ୍ରମ ଅଧିକାରୀ କନିଷ୍କ ନାରାୟଣ, ଉଦ୍ୟାନ ବିଭାଗ ଅଧିକାରୀ ହରିହର ପ୍ରାଣିଗ୍ରାହୀ, ଯୋଗାଣ ନିରୀକ୍ଷକ ଶୁଚିସ୍ମିତା ମହାନ୍ତିଙ୍କ ସମେତ ତହସିଲ, ମତ୍ସ୍ୟ, କୃଷି, ଶିଶୁ ବିକାଶ, ବିଦ୍ୟୁତ୍, ଜଳସେଚନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ହେଲେ ଏହି ଶିବିରରେ ମୃତ୍ତିକା ସଂରକ୍ଷଣ ଅଧିକାରୀ କିମ୍ବା କର୍ମଚାରୀ ଅନୁପସ୍ଥିତ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ଜଣାପଡିଛି।

# କେନ୍ଦ୍ରାପଡ଼ା ଜିଲାରେ ମାଳ ମାଳ ବେଆଇନ ବନ୍ଧୁକ

**କେନ୍ଦ୍ରାପଡ଼ା, ୧୧।୩ (ଜଗନ୍ନାଥ ଧଳ)**

### ଅଧାରୁ ଅଧିକ ପଞ୍ଜୀକରଣର ନବୀକରଣ ହେଉନି

ଅପରାଧପ୍ରବଣ କେନ୍ଦ୍ରାପଡ଼ା ଜିଲା ପାଇଁ ବନ୍ଧୁକ ମୁଣ୍ଡବ୍ୟଥା ପାଲଟିଛି। ବାଲିଘାଟ, ଛିନ୍ତାଇଠାରୁ ଆରମ୍ଭକରି ଦାଦାବଟି ପାଇଁ ବ୍ୟବହାର ହେଉଛି। କେତେକ ସ୍ଥଳରେ ଅଭିଯୁକ୍ତଙ୍କଠାରୁ ବେଆଇନ ଭାବେ ରଖିଥିବା ବନ୍ଧୁକ ଜବତ ହେଉଛି। ଏହି ବେଆଇନ ବନ୍ଧୁକଧାରୀଙ୍କ ସହିତ ସରକାରୀ ସ୍ୱୀକୃତିପ୍ରାପ୍ତ ବନ୍ଧୁକର ହିସାବ ଗୋଳମାଳିଆ ଧରିଛି। ଅନ୍‌ଲାଇନ ମାଧ୍ୟମରେ ଆବେଦନ ହୋଇଥିବା ୨୭୬ଟି ବନ୍ଧୁକକୁ ସ୍ୱୀକୃତି ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଏଥିମଧ୍ୟରେ ସମୟ ଅବଧି ଶେଷ ହୋଇଥିଲେ ମଧ୍ୟ ୧୮୩ଟିର ବର୍ଷାଧିକକାଳ ହେବ ନବୀକରଣ ହୋଇନାହିଁ। ଏଗୁଡିକ ମଧ୍ୟ ପୂର୍ବ ସ୍ୱୀକୃତିପ୍ରାପ୍ତ ବନ୍ଧୁକଧାରୀଙ୍କ ନିକଟରେ ବେଆଇନ ଭାବେ ରହିଛି। କେଉଁ କାରଣରୁ ନବୀକରଣ ନ ହେବା, ସରକାରୀ କାର୍ଯ୍ୟାଳୟରେ ଦାଖଲ କରା ନ ଯିବା, ଏହି ବନ୍ଧୁକରେ ବେଆଇନ କାରବାର ହେଉଛି କି ଆଦି ପ୍ରଶ୍ନ ସାଧାରଣରେ ଉଙ୍କି ମାରିଛି। ଏ ସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ଆର୍ମସ୍ ଆକ୍ଟ ବନ୍ଧୁକ ରଖିବା କ୍ଷେତ୍ରରେ ବହୁତ କଠୋର। ସାଧାରଣରେ ଜଣେ ଲାଇସେନ୍ସପ୍ରାପ୍ତ ଠିକାଦାର ଏଥିପାଇଁ ଆବେଦନ କରିପାରିବେ। ସେହିପରି ଅବସରପ୍ରାପ୍ତ ସେନା କର୍ମଚାରୀ ମଧ୍ୟ ବନ୍ଧୁକ ଲାଇସେନ୍ସ ପାଇବା ପାଇଁ ଯୋଗ୍ୟ। ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଅଥବା ଜୀବନ ପ୍ରତି ବିପଦ ଥିବା ସମ୍ପର୍କରେ ସ୍ଥାନୀୟ ଥାନା କର୍ତ୍ତୃପକ୍ଷଙ୍କ ଜାଣତରେ ଥିବା ବ୍ୟକ୍ତି ମଧ୍ୟ ବନ୍ଧୁକ ରଖିବା ପାଇଁ ଯୋଗ୍ୟ ହୋଇପାରନ୍ତି। ଏଥିପାଇଁ ଜିଲା ପ୍ରଶାସନକୁ ଆବେଦନ କରିବା ସହ ପ୍ରତିବର୍ଷ ଏହାର ନବୀକରଣ ନିୟମ ହୋଇଛି। ଏହି ନବୀକରଣ ସମୟରେ ଆଗ୍ନେୟାସ୍ତ୍ରର ଠିକ୍ କାର୍ଯ୍ୟକାରିତାର ପରୀକ୍ଷା ମଧ୍ୟ ହୋଇଥାଏ। ମାତ୍ର କେନ୍ଦ୍ରାପଡ଼ା ଜିଲାରେ ବନ୍ଧୁକର ନ ହେବା ଜିଲା ପ୍ରଶାସନର ଅପରାଧ ପ୍ରତି ସମ୍ବେଦନଶୀଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଆଇନଜୀବୀ ମହାପାତ୍ର ମତ ଦେଇଛନ୍ତି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାକୁ ରାଜ୍ୟର ଅନ୍ୟ ସ୍ଥାନରେ ଅପରାଧପ୍ରବଣ ବୋଲି ମନେକରିଥାନ୍ତି। ଅତୀତରେ ସାମାନ୍ୟ କଥାରେ ବେଆଇନ ବନ୍ଧୁକର ବ୍ୟବହାର ବହୁଳ ହେଉଥିବା ନଜିର ଅଛି। ସାମ୍ପ୍ରତିକ ସମୟରେ ଏହାର ମାତ୍ରା କମିଥିଲେ ମଧ୍ୟ ବାଲିଘାଟ, ଟେଣ୍ଡର ଫିକ୍ସିଂ ଓ ଛିନ୍ତାଇ ଆଦି କ୍ଷେତ୍ରରେ ମୁଣ୍ଡରେ ବନ୍ଧୁକ ଲଗାଇବା ଘଟଣା ଦୃଷ୍ଟିକୁ ଆସୁଛି। ଜିଲା ପୋଲିସ ମଧ୍ୟ ଅଭିଯୁକ୍ତଙ୍କ ନିକଟରୁ ବନ୍ଧୁକ ଜବତ କରୁଛି। ଏହି ବନ୍ଧୁକ କେଉଁଠୁ ଆସୁଛି ତା'ର ଖୋଜଖବର କରୁନାହାନ୍ତି। ଜିଲାରେ ଏବେ ପାଖାପାଖି ୨୦୦ ବନ୍ଧୁକ ନବୀକରଣ ହୋଇ ନ ଥିବା ଘଟଣା ଜିଲା ପ୍ରଶାସନର କାର୍ଯ୍ୟକାରିତା ଉପରେ ସନ୍ଦେହ ସୃଷ୍ଟି କରୁଥିବା ସେ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ରଘୁରା ଆର ଆୟର କହିଛନ୍ତି, ବନ୍ଧୁକର ନବୀକରଣ ନ ହେବା ଘଟଣା ଦୃଷ୍ଟିକୁ ଆସିଛି। ଏନେଇ ସମୀକ୍ଷା କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପବିତ୍ର ପ୍ରଧାନ ସ୍ମାରକୀ ପ୍ରତିଭା ସମ୍ମାନ



ଶିକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କେନ୍ଦ୍ରାପଡା, ୧୧।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ମଙ୍ଗଳପୁର ଛୋଟି ଗ୍ରାମର ରାମଚଣ୍ଡୀ ଶିକ୍ଷା ନିକେତନରେ ପବିତ୍ର ପ୍ରଧାନ ସ୍ମାରକୀ ପ୍ରତିଭା ସମ୍ମାନ ବୁଧବାର ପ୍ରଦାନ କରାଯାଇଛି। ଏହି ଗ୍ରାମର ପବିତ୍ର କୁମାର ପ୍ରଧାନଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକ ଅବସରରେ ଆୟୋଜିତ ସଭାରେ ସୁବ୍ରତ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଏଥିରେ କେନ୍ଦ୍ରପଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ପଣ୍ଡିତ ନାରାୟଣ ଚନ୍ଦ୍ର ମିଶ୍ର, ଉତ୍କଳ କେଶରୀ ପ୍ରଧାନ, ଯଯାତି କେଶରୀ ପ୍ରଧାନ, ରଞ୍ଜନା ପ୍ରଧାନ, ଅରୁଣ କୁମାର ମହାନ୍ତି, ରମାକାନ୍ତ ଘଡେଇ, ଲଳିତ କେଶରୀ ପ୍ରଧାନ, ଚିତ୍ତରଞ୍ଜନ ଜେନା ଓ ପ୍ରେମ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷା ପାଇଁ ଲକ୍ଷ୍ୟ ଓ ଅଧ୍ୟବସାୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହିଅବସରରେ ଶିକ୍ଷା ନିକେତନର ପ୍ରତିଭାବାନ ଶିକ୍ଷାର୍ଥୀ କୈବଲ୍ୟ ବିଭୁପ୍ରସାଦ ଦାସ, ଲିପ୍ସାରାଣୀ ପଣ୍ଡା, ସାଇ ସମ୍ପୂର୍ଣ୍ଣା ବାରିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଭା ପ୍ରାରମ୍ଭରେ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଦେବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାକୁ ସମ୍ରାଟ କେଶରୀ ପ୍ରଧାନ ପରିଚାଳନା କରିଥିଲେ।

## ମହୋତ୍ସବ ଭାଇଚାରାକୁ ସୁଦୃଢ଼ କରିଥାଏ

### ୧୧ତମ ପାଇକା ମହୋତ୍ସବ

**ମାର୍ଶାଘାଇ, ୧୧।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**



ମହୋତ୍ସବରେ ଯୋଗଦେଇଥିବା ଅତିଥି ।

ମହୋତ୍ସବ ହେଉଛି ସମ୍ପର୍କ ଯୋଡିବାର ମାଧ୍ୟମ । ଏହା ଭାଇଚାରାକୁ ସୁଦୃଢ଼ କରିବା ସହିତ ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ପ୍ରତିଭାଙ୍କୁ ବୃଦ୍ଧିମତ କରିଥାଏ ବୋଲି ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଆୟୋଜିତ ୧୧ ତମ ପାଇକା ମହୋତ୍ସବରେ ଯୋଗଦେଇ ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ। ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପୋତାରି ଖେଳ ପଡିଆରେ ଫ୍ରେଣ୍ଡସ୍ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବକୁ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫ୍ରେଣ୍ଡସ୍ ୟୁଥ କ୍ଲବ ସଭାପତି ତଥା ଜିଲା ପରିଷଦ ସଦସ୍ୟ ପ୍ରତାପ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ରଶ୍ମିରଞ୍ଜନ ରାଉତ, ବିଶିଷ୍ଟ କଣ୍ଠଶିଳ୍ପୀ ଜଗବନ୍ଧୁ ମୁଦୁଲି ଓ ଶିକ୍ଷାବିତ୍ ଦୟାନିଧି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହା ପରେ କଣ୍ଠଶିଳ୍ପୀ ଜଗବନ୍ଧୁ ମୁଦୁଲି ଓ ସାଥୀଙ୍କ ଦ୍ୱାରା ଗାନ କରାଯାଇଥିବା ଭଜନଗୁଡିକ ଯାହାକି ଉପସ୍ଥିତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ଫ୍ରେଣ୍ଡସ୍ ୟୁଥ୍ କ୍ଲବ ସଦସ୍ୟ ସର୍ବେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କ୍ଲବ ସମ୍ପାଦକ ସୂର୍ଯ୍ୟକାନ୍ତ ସୂତାର, ସଦସ୍ୟ ସଂଗ୍ରାମ ମଲ୍ଲିକ, ରମାକାନ୍ତ ଦାସ, ବିବେକାନନ୍ଦ ମଲ୍ଲିକ, ପ୍ରଦୀପ ନାୟକ, ନିରଞ୍ଜନ ନାୟକ, ବୀରବର ନାୟକ, ସୂର୍ଯ୍ୟକାନ୍ତ ନାଥ, ସୌମ୍ୟ ରଞ୍ଜନ ମଲ୍ଲିକ, ଜ୍ୟୋତି ରଞ୍ଜନ ନାୟକ, ତପନ ମଲ୍ଲିକ, ତନୁଜ ଦାସ, ଭରତ ଦାସ, ରଞ୍ଜନ ମଲ୍ଲିକ, କୁନ୍‌ମୁନ୍ ନାୟକ ଓ କାହ୍ନୁ ଦାସ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ୭ ଦିନ ଧରି ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ତରଫରୁ ପ୍ରକାଶ କରାଯାଇଛି।

### ତାଳଚୁଆରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ରାଜନଗର, ୧୧।୩ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ତାଳଚୁଆ ବାତ୍ୟା ଆଶ୍ରୟସ୍ଥଳରେ ବୁଧବାର ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିରରେ ତାଳଚୁଆ ପଞ୍ଚାୟତ ଅଧିବାସୀଙ୍କ ଅଭିଯୋଗର ଶୁଣାଣି କରାଯାଇଥିଲା। ବିଡିଓ ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଡେପୁଟି କଲେକ୍ଟର ନିତ୍ୟ ରଞ୍ଜନ ସାମଲ,ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ତହସିଲଦାର ଯିଶୁକ୍ରିଷ୍ଟ ଦାସ, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ନାୟକ,ସିଡିପିଓ ଦୀପାଳି ମିଶ୍ର ପ୍ରମୁଖ ଯୋଗଦେଇ ୩୪ ଅଭିଯୋଗର ଶୁଣାଣି କରିଥିଲେ । ଏଥିରେ ୩୦ ବ୍ୟକ୍ତିଗତ ଓ ୪ଟି ସାମୂହିକ ଅଭିଯୋଗ ହୋଇଥିଲା । ଅନ୍ୟ ପଟେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲିଙ୍ଗ ପରିବର୍ତ୍ତନ ଓ ବାଲ୍ୟ ବିବାହକୁ ରୋକିବା ପାଇଁ ଲୋକମାନଙ୍କୁ ସଚେତନତା କରାଯାଇଥିଲା । କାର୍ଯ୍ୟକ୍ରମକୁ ସିପି ଆଶିଷ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ଅର୍ପଣ ମଲ୍ଲିକ, ବିପିଏମ୍ ଦୀପକ କୁମାର ମହାନ୍ତି, ପିଇଓ ଜିତେନ୍ଦ୍ର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ପାଇକା ମହୋତ୍ସବରେ ଉତ୍ତେଜନା



ଲୋକେ ପୋଲିସ ଗାଡିକୁ ଘେରାଉ କରିଛନ୍ତି ।

**ମାର୍ଶାଘାଇ, ୧୧।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

### ପ୍ରଶାସନକୁ ଗ୍ରାମବାସୀଙ୍କ ବିରୋଧ

ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ପୋତାରୀ ଖେଳ ପଡ଼ିଆରେ ଅନୁଷ୍ଠିତ ହେଉଥିବା ପାଇକା ମହୋତ୍ସବକୁ ବନ୍ଦ କରିବାକୁ ଯାଇଥିବା ପୋଲିସ ଗାଡିକୁ ବୁଧବାର ରାତିରେ ଘେରି ଶତାଧିକ ମହିଳା ପ୍ରତିବାଦ କରିଛନ୍ତି। ପ୍ରଶାସନର ଅନୁମତି ବିନା ଏହି ମହୋତ୍ସବ ଆୟୋଜିତ ହେଉଥିବାରୁ ମାଜିଷ୍ଟ୍ରେଟ ତଥା ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜାଙ୍କ ସହିତ ପାଟକୁରା ଥାନା ଅଧିକାରୀ ମହମ୍ମଦ ଜାମସେଦଙ୍କ ନେତୃତ୍ୱରେ ପୋଲିସ୍ ଟିମ୍ ଓ ବିଦ୍ୟୁତ୍ ବିଭାଗ ଅଧିକାରୀ ସନ୍ଧ୍ୟାରେ ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲେ। ଖବର ପାଇ ଗ୍ରାମରେ ଘଣ୍ଟ ବାଡ଼େଇ ଗ୍ରାମରୁ ଶହ ଶହ ସଂଖ୍ୟାରେ ମହିଳା ପଡିଆକୁ ଆସି ମହୋତ୍ସବ ବନ୍ଦ କରିବାକୁ ଆସିଥିବା ପୋଲିସ ଗାଡି ଆଗରେ ରୁଣ୍ଡ ହୋଇ ବନ୍ଦ ନ କରିବାକୁ ନିବେଦନ କରିଥିଲେ। ପାଇକା ମହୋତ୍ସବ ଆମ ଅଞ୍ଚଳର ଏକ ବୃହତ୍ ପର୍ବ, ଏଠାରେ କୌଣସି ଅଶାନ୍ତିକର ପରିବେଶ ନାହିଁ ବୋଲି କହିବା ସହିତ ପୋଲିସ ଏବଂ ମାଜିଷ୍ଟ୍ରେଟ ଫେରିଯିବାକୁ ଦାବି କରିଥିଲେ। ତେବେ ମହୋତ୍ସବ ଆୟୋଜନ ପାଇଁ ପ୍ରଶାସନର ଅନୁମତି ନ ଥିବାରୁ ପେଣ୍ଡାଲର ସାଉଣ୍ଡ ଏବଂ ଲାଇଟ ବନ୍ଦ କରି ପ୍ରଶାସନ ଏବଂ ପୋଲିସ ଫେରି ଆସିଥିଲେ ବୋଲି ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା କହିଛନ୍ତି । ପ୍ରଶାସନ ଅନୁମତି ନ ଥିବାରୁ ପୋଲିସ ମହୋତ୍ସବ ବନ୍ଦ କରିଆସିଛି।

## ପଟ୍ଟାମୁଣ୍ଡାଇ ତହସିଲରେ ଜିଲାପାଳଙ୍କ ସମୀକ୍ଷା

**ପଟ୍ଟାମୁଣ୍ଡାଇ, ୧୧।୩ (କଳ୍ପତରୁ ନାୟକ)**



ଜିଲାପାଳ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲାପାଳ ବୁଧବାର ପଟ୍ଟାମୁଣ୍ଡାଇ ତହସିଲରେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟକଳାପ ଓ ଜନସେବା ବ୍ୟବସ୍ଥାର ଅଗ୍ରଗତିର ସମୀକ୍ଷା କରିଛନ୍ତି। ଏହି ସମୀକ୍ଷାରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ପ୍ରଣବ ପଣ୍ଡାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୧ଟାରେ ଜିଲାପାଳ ରଘୁରାମ ଆର ଆୟାର ପଟ୍ଟାମୁଣ୍ଡାଇ ତହସିଲ ଅଫିସ ପରିଦର୍ଶନ କରି ବିଭିନ୍ନ ରାଜସ୍ୱ ମାମଲା ଅଗ୍ରଗତି, ଖଜଣା ଆଦାୟ, ସରକାରୀ ଜମି ଜବରଦଖଲ ହଟିବା, ବିଭିନ୍ନ ସରକାରୀ ପ୍ରକଳ୍ପ ପାଇଁ ଜମି ପ୍ରଦାନ, ସାର୍ଟିଫିକେଟ ପ୍ରଦାନ, ଜମି ଓ କେସ୍ ରେକର୍ଡର ଅବିକଳ ନକଲ ପ୍ରଦାନ, ଦାଖଲ ଖାରଜ ମାମଲା ଅଗ୍ରଗତି, ଘରପୋଡି ସହାୟତା, ବେଆଇନ ବାଲି ଘାଟ ଓ ନାଳିଇଟା ଭାଟି ବନ୍ଦ ଆଦି ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଓ ସରକାରୀ ଯୋଜନା କାର୍ଯ୍ୟକାରୀତାରେ ସଫଳତା ସମ୍ପର୍କରେ ସମୀକ୍ଷା କରିବା ସହିତ ବିଭାଗୀୟ ଭିତ୍ତିଭୂମିର ତଦାରଖ କରିଥିଲେ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ଡେରାବିଶ, ୧୧।୩ (ବେବର୍ତ୍ତା ଅଜୟ ଦାସ)**



ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଡେରାବିଶ ବ୍ଲକ ବାଗିମୁଳ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଗ୍ରାମ ପଞ୍ଚାୟତସ୍ତରୀୟ ସ୍ୱତନ୍ତ୍ର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୦ ଅଭିଯୋଗକାରୀ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ପଞ୍ଜୀକରଣ କରିଥିଲେ। ବିଡିଓ ନମିତା ବାରିକ, ଏବିଡିଓ ମୃଣ୍ମୟ ରାଉତ, ସରପଞ୍ଚ କଳ୍ପନା ବେହେରା ଓ ବ୍ଲକ ଯୋଗାଣ ନିରୀକ୍ଷକ ସ୍ୱରୂପ ଦାସଙ୍କ ସମେତ ବ୍ଲକ ପ୍ରଶାସନର ଅନ୍ୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ହିତାଧିକାରୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। ତେବେ ପକ୍କା ଘର, ରାଶନ କାର୍ଡ ଓ ଭତ୍ତା ସମ୍ପର୍କିତ ସର୍ବାଧିକ ଅଭିଯୋଗ ନେଇ ହିତାଧିକାରୀମାନେ ଅଧିକାରୀଙ୍କୁ ଗୁହାରି କରିଥିବା ବେଳେ ବିଦ୍ୟୁତ, ଜମିବାଡି ଓ ଛାତ୍ରବୃତ୍ତି ସମ୍ପର୍କିତ କେତେକ ଅଭିଯୋଗ ଏହି ଶୁଣାଣିରେ ସାମିଲ ରହିଥିଲା। ଆଗାମୀ ଦିନରେ ପ୍ରତ୍ୟେକ ବୁଧବାର ବ୍ଲକ ଅଧୀନ ଅନ୍ୟାନ୍ୟ ପଞ୍ଚାୟତରେ ବ୍ଲକ ପ୍ରଶାସନ ପହଞ୍ଚି ଏପରି ଜନଶୁଣାଣି ଶିବିର କରି ଲୋକମାନଙ୍କ ସମସ୍ୟାର ସମାଧାନ ନିଷ୍ପତ୍ତି ସରକାରୀ ଭାବେ ନିଆଯାଇଥିବା ନେଇ ବିଡିଓ ବାରିକ ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ କର୍ମଶାଳା

**ଡେରବିଶ, ୧୧।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅନ୍ତର୍ଗତ ଠାକୁରପାଟଣା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଦର୍ଶନୀ କର୍ମଶାଳାରେ ୪ଟି ଗ୍ରୁପ୍‌ରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଶିକ୍ଷଣ ସାମଗ୍ରୀଗୁଡ଼ିକୁ ପ୍ରଦର୍ଶିତ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଦେବଦତ୍ତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମଣ୍ଡଳ ଭାରପ୍ରାପ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ମୁଖ୍ୟ ଅତିଥି, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଙ୍ଖିକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଶିକ୍ଷଣ ସାମଗ୍ରୀଗୁଡ଼ିକ କିପରି ଶ୍ରେଣୀ ଗୃହରେ ଶିକ୍ଷାଦାନରେ ସହାୟକ ହୋଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ପ୍ରଦର୍ଶିତ ହୋଇଥିବା ଶିକ୍ଷଣ ସାମଗ୍ରୀଗୁଡ଼ିକୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚକ୍ରଧର ନାୟକ ଓ ସାଧନ କେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ପୋଥାଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି ଓ ପ୍ରମୋଦ କୁମାର ମଲ୍ଲଙ୍କ ସମେତ ସମସ୍ତ ୧୭ ସାଧନ କେନ୍ଦ୍ର ସଂଯୋଜକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାଧନ କର୍ମୀ ହରେକୃଷ୍ଣ କର ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଭାଗ ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦିଆଯାଇଥିବା ସାର୍ଟିଫିକେଟ୍।

## ମା', ମାତୃଭୂମି, ମାତୃଭାଷା ବଞ୍ଚିଲେ ରାଜ୍ୟ ସମୃଦ୍ଧି କ୍ଷେତ୍ରରେ ଆଗେଇବ

■ କନିକା ସାହିତ୍ୟ-ସଂସ୍କୃତି ପରିଷଦର ସମାବର୍ତ୍ତନ ଉତ୍ସବ
■ ରାଜ୍ୟସ୍ତରୀୟ କବି ସମ୍ମିଳନୀ

**ରାଜକନିକା, ୧୧।୩ (ସଞ୍ଜୟ କୁମାର ଦାଶ)**



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ରାଜକନିକା ବ୍ଲକ କନିକା ସାହିତ୍ୟ–ସଂସ୍କୃତି ପରିଷଦ ପକ୍ଷରୁ ଦ୍ୱିତୀୟ ବାର୍ଷିକ ସମାବର୍ତ୍ତନ ଉତ୍ସବ ତଥା ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମା' କନିକେଶ୍ୱରୀ ଦୁର୍ଗା ପଡ଼ିଆ ପ୍ରାଙ୍ଗଣରେ ଅନୁଷ୍ଠିତ ପ୍ରଥମ ଅଧିବେଶନକୁ ପରିଷଦ ସଭାପତି ବୀରେନମିତ୍ର ରାଉତରାୟ ଉଦ୍‌ଘାଟନ କରିଥିଲେ। ଏହି କବିତା ପାଠୋତ୍ସବରେ କବି ମନୋଜ ସେନାପତି, କବି ଅମୂଲ୍ୟ ରାରତ ଓ ନାଟ୍ୟକାର ଗୟାଧର ନାଥଙ୍କ ସଂଯୋଜନାରେ ୮ ଜିଲାରୁ ୭୨ କବୟିତ୍ରୀ ଓ କବି ଯୋଗ ଦେଇଥିଲେ। ପରିଷଦ ସଭାପତି ବୀରେନମିତ୍ର ରାଉତରାୟ, ସମ୍ପାଦକ ପତିତପାବନ ବେହେରା, ସହସମ୍ପାଦକ ଚିଦାମ୍ବର ପତି ଓ କୋଷାଧ୍ୟକ୍ଷ ପ୍ୟାରୀମୋହନ ସ୍ୱାଇଁ ଅତିଥି ଭାବେ ମଞ୍ଚାସୀନ ହୋଇ ପରିଷଦର ଲକ୍ଷ୍ୟ ଓ ଦୃଢ଼ତା ଉପରେ ଆଲୋକପାତ କରିଥିଲେ। ସୌମ୍ୟକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଭାପତି ବୀରେନମିତ୍ରଙ୍କ ସଭାପତିତ୍ୱ ତଥା ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ କବି ପତିତପାବନ ବେହେରାଙ୍କ କବିତା ସଂକଳନ 'ସାହିତ୍ୟାମୃତ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କନିକାର ବରପୁତ୍ର, ବିଶିଷ୍ଟ କବି ସାହିତ୍ୟିକଙ୍କ ନାମରେ ଯଥାକ୍ରମେ, କବି ରମେଶ ଚନ୍ଦ୍ର ନାୟକଙ୍କୁ 'ପ୍ରଫୁଲ୍ଲ ଦାସ ସମ୍ମାନ' କବି ମନ୍ମଥ ବରାଳଙ୍କୁ 'ଦାମୋଦର ମିଶ୍ର ସମ୍ମାନ' ଓ କବି ଅଜୟ ପାତ୍ରଙ୍କୁ 'ଉଚ୍ଚରବେଗ ସମ୍ମାନ'ରେ ବିଭୂଷିତ କରାଯାଇଥିଲା ।

ଅଧିବେଶନରେ ଉତ୍କଳ ସାହିତ୍ୟ ସମାଜ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭିନ୍ନ ଉଦାହରଣ ଦେଇ ସାହିତ୍ୟିକମାନଙ୍କ ପ୍ରତି ହେଉଥିବା ସରକାରଙ୍କ ଅବିଚାରକୁ କେବେ ବରଦାସ୍ତ କରାଯିବ ନାହିଁ । ସେମାନଙ୍କ ଆର୍ଥିକ ମାନଦଣ୍ଡ ଓ ଉନ୍ନତି ପାଇଁ ସାରାଜୀବନ ଲଢ଼ିବାକୁ ପ୍ରସ୍ତୁତ ବୋଲି କହିଥିଲେ । ମା' ମାତୃଭୂମି ଓ ମାତୃଭାଷା ବଞ୍ଚିଲେ ଆମ ରାଜ୍ୟ ସମୃଦ୍ଧି କ୍ଷେତ୍ରରେ ଆଗେଇବ ବୋଲି ବିଶିଷ୍ଟ କବି, ଗବେଷକ ତଥା ମୁଖ୍ୟବକ୍ତା ଶ୍ରୀଧର ସାମଲ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ଡ. କୃତ୍ତିବାସ ନାୟକ ଓ ବିଶିଷ୍ଟ ଶିକ୍ଷାବିତ୍ କାଳୀପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ଉତ୍ତମ ସମାଜ ଗଠନ ଦିଗରେ ସାହିତ୍ୟ ଏକମାତ୍ର ପଥ ବୋଲି ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ମଙ୍ଗୁଳି ଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ପରିଷଦ ସମ୍ପାଦକ କବି ପତିତପାବନ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ ପ୍ରସନ୍ନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଦାମୋଦର ଧଳ, ପ୍ୟାରୀମୋହନ ସ୍ୱାଇଁ, ଗୋପୀନାଥ ବିଶ୍ୱାଳ, ଡ. ଫକୀର ଚନ୍ଦ୍ର ପ୍ରଧାନ, ଗୁରୁଚରଣ ଭୂୟାଁ, ଖଗେଶ୍ୱର ପଢ଼ିହାରୀ, ରୂପେଶ ନାୟକ ଓ ହଟିଆପଡ଼ା ଯୁବକ ସଂଘ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୁନିକୁନିପିଲାଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ସମ୍ମିଳନୀର ଗରିମା ବୃଦ୍ଧି କରିଥିଲା।

# ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି, ସମସ୍ୟା ସୁଧୁରୁନି

## କଣ୍ଟିଲୋ ନୀଳମାଧବ ପୀଠ

ଖଣ୍ଡପଡା, ୧୧।୩
(ଅଜୟ କୁମାର ମହାରଣା)


ନୀଳମାଧବ ବିଦ୍ୟାପୀଠ ।

କଣ୍ଟିଲୋର ଶ୍ରୀ ନୀଳମାଧବପୀଠ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନର ମର୍ଯ୍ୟାଦା ଲାଭ କରିଛି। ଏଠାର କଂସା ପିତଳ ବାସନ ଶିଳ୍ପ ରାଜ୍ୟ ତଥା ବାହାରେ ପ୍ରସିଦ୍ଧି ଲାଭ କରିଛି। ପଦ୍ମାଦ୍ରୀ ଓ ବ୍ରହ୍ମାଦ୍ରୀ ପାହାଡ ଉପରେ ବିରାଜିତ ନୀଳମାଧବଜୀଉ ମନ୍ଦିର ଉପରୁ ମହାନଦୀର ପ୍ରାକୃତିକ ଶୋଭାରାଜି ଉପଭୋଗ କରିବା ସହ ନୀଳମାଧବଜୀଉଙ୍କ ଦର୍ଶନ ପାଇଁ ଦୈନିକ ଶତାଧିକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏହି ପର୍ଯ୍ୟଟନ ସ୍ଥଳକୁ ଦେଖିଲେ ରାଜ୍ୟ ପର୍ଯ୍ୟନ ବିଭାଗ ଏହି ପୀଠର ବିକାଶ ପାଇଁ କେତେ ଯତ୍ନବାନ ତାହା ଜାଣି ହୁଏ। ଏହି ପୀଠ ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରୁ ୮୦ କି.ମି. ଏବଂ ନୟାଗଡ଼ଠାରୁ ମାତ୍ର ୩୦ କି.ମି.ଦୂର। ଯାତ୍ରୀମାନେ ନୀଳମାଧବ ଜୀଉଙ୍କୁ ଦର୍ଶନ କରିବା ପୂର୍ବରୁ ପ୍ରାୟ ୧୫ କି.ମି.ଦୂର ଫତେଗଡ ପାହାଡ ଉପରେ ଅବସ୍ଥିତ ଶ୍ରୀରାମ ମନ୍ଦିର, ୬ କି.ମି. ଦୂରରେ ଥିବା ହନୁମନ୍ତ ପ୍ରସାଦର ଶ୍ରୀରାମ ଆଶ୍ରମ ଓ ପାହାଡ ଉପରୁ ନିର୍ଗତ ଝରଣା, ୧ କି.ମି.ଦୂରରେ ଥିବା ମା'ନାରାୟଣୀ ପୀଠ ଦର୍ଶନରେ ଯାଇଥାନ୍ତି। ପରେ ପର୍ଯ୍ୟଟକମାନେ ପାହାଡ ପର୍ବତ ଓ ମହାନଦୀର ପ୍ରାକୃତିକ ଦୃଶ୍ୟ ଉପଭୋଗ ପାଇଁ ଏହି ନୀଳମାଧବ ପୀଠରେ ଅଟକି ଯାଆନ୍ତି।

ଯାତ୍ରୀମାନେ ବିଶ୍ରାମ ନେବା ପାଇଁ ବିଶ୍ରାମାଗାରଟିଏ ନାହିଁ। ଦୀର୍ଘ ୨୩ ବର୍ଷରୁ ଉର୍ଦ୍ଧ୍ୱ ହେବ କଣ୍ଟିଲୋଠାରୁ ୧ କି.ମି. ଦୂର ଏକ ପାହାଡ ଉପରେ ନିର୍ମାଣ କରାଯାଇଥିବା ପାନ୍ଥଶାଳା ନିର୍ମାଣ ପରଠାରୁ ଅକାମୀ ହୋଇ ପଡିଛି। ଆଲୋକ ଓ ପାଣିର ବ୍ୟବସ୍ଥା ନ ଥିବାରୁ ଯାହାକି ଏବେ ଭୂତ କୋଠି ପ୍ରାୟ ହୋଇ ଅସାମାଜିକତତ୍ତ୍ୱଙ୍କ ଆଡ୍ଡାସ୍ଥଳୀ ପାଲଟିଛିଡ୍। ସେହିପରି ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକମାନେ ବଜାରରେ ବିକ୍ରୀ ହେଉଥିବା ପାଣି ଉପରେ ନିର୍ଭର କରିବାକୁ ପଡୁଛି। କଣ୍ଟିଲୋ ପଞ୍ଚାୟତ ଦ୍ୱାରା ନିର୍ମାଣ କରାଯାଇଥିବା ଏକ ଧର୍ମଶାଳାରେ ଆଲୋକ କିମ୍ବା ପାଣିର ବ୍ୟବସ୍ଥା ନ ଥିବା ବେଳେ ଏହାକୁ ଭଡା ସୂତ୍ରରେ ଜନୈକ ବ୍ୟକ୍ତିଙ୍କୁ ଦିଆଯାଇଛି। ଏଠାରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ କଂସା ପିତଳ ବାସନ ଶିଳ୍ପ ତଥା କାରିଗରମାନଙ୍କ ଉନ୍ନତି ଓ ବିକାଶ ନିମନ୍ତେ ଏକ ପିତଳ ଶିଳ୍ପ ବାଖ୍ୟାନ କେନ୍ଦ୍ର ନିର୍ମାଣ ହୋଇଥିଛି। ତାହା କିନ୍ତୁ ଏବେ ଦେବୋତ୍ତର ବିଭାଗ ଅଧିନରେ ରହିଛି। ଏହା ସତ୍ତ୍ୱେ ପର୍ଯ୍ୟଟନସ୍ଥଳୀ ଓ କଂସା ପିତଳ ବାସନ ଶିଳ୍ପ ବିଷୟରେ ଜାଣିବା ପାଇଁ ଲିଫ୍‌ଲେଟର ବ୍ୟବସ୍ଥା କରାଯାଉନାହିଁ। ଫଳରେ ପର୍ଯ୍ୟଟକମାନେ ଏସବୁ ଅଞ୍ଚଳ ସମ୍ପର୍କରେ କୌଣସି ସୂଚନା ପାଇପାରୁ ନାହାନ୍ତି। ଅପରପକ୍ଷରେ ଯାତ୍ରୀ ଓ ପର୍ଯ୍ୟଟକମାନେ ମହାନଦୀ ପାର୍ଶ୍ୱ କଣ୍ଟିଲୋ ଯାତ୍ରାପଦା ବଜାରେ ଦେଇ ମନ୍ଦିର ପଶ୍ଚିମ ପାର୍ଶ୍ୱକୁ ନିଜ ନିଜର ଯାନ ବାହାନଗୁଡିକ ନେଇ ଯାଉଥିବା ବେଳେ ପାର୍କିଂ କରିବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା ନ ଥିବାରୁ ରାସ୍ତା କଡରେ ଗାଡି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

ଅପରପକ୍ଷରେ ରାସ୍ତାକଡରେ ବିଭିନ୍ନ ଉଠାଦୋକାନୀ ପସରା ମେଲାଇ ବସିଥିବାରୁ ନାନା ସମସ୍ୟା ଉପୁଜୁଛି। ବିଶେଷ କରି ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ପାଇଁ ପାଇଖାନ ନିର୍ମାଣର ବ୍ୟବସ୍ଥା କରାଯାଇଥିଲେ ମଧ ଏବେବି ବହୁ ଲୋକ ନଦୀ କୂଳପଠା, ଜଳ ସମ୍ପଦ ବିଭାଗ ପକ୍ଷରୁ ନଦୀ ପାର୍ଶ୍ୱରେ ନିର୍ମିତ ପଥରପ୍ୟାକିଂ ଉପରେ ଓ ବାଲୁକା ଶର୍ଯ୍ୟାରେ ମଳତ୍ୟାଗ କରୁଥିବା ପରିଲକ୍ଷିତ ହେଉଛି। ଫଳରେ ମନ୍ଦିର ପାଦ ଦେଶରେ ପ୍ରବାହିତ ମହାନଦୀ କୂଳ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ତଥା ନୌକାରେ ବୁଲିବା ସମୟରେ ପାହାଡ ଓ ନଦୀ କୂଳ ବାଲୁକା ପଠାରୁ ଆସୁଥିବା ଦୁର୍ଗନ୍ଧ ଯୋଗୁ ପର୍ଯ୍ୟଟକମାନେ ଅତିଷ୍ଠ ହେଉଥିବା ଅନେକ ଅଭିଯୋଗ କରୁଛନ୍ତି। ବିଶେଷ କରି ପାହାଡ ଉପରେ ବିରାଜିତ ପ୍ରଭୁ ଶ୍ରୀ ନୀଳମାଧବ ଜୀଉଙ୍କ ଦର୍ଶନରେ ଆସୁଥିବା ବହୁ ଭିନ୍ନକ୍ଷମ ତଥା ବୟସ୍କ ପର୍ଯ୍ୟଟକ ପାହାଚ ଚଢି ଯିବା ଅସମ୍ଭବ ହେଉଥିବାରୁ ସେମାନେ ଠାକୁରଙ୍କୁ ଦର୍ଶନ ନକରି ଫେରିଯାଇଥାନ୍ତି। ପର୍ଯ୍ୟଟକମାନଙ୍କ ନିମନ୍ତେ ନୀଳମାଧବ ବିକାଶ ପ୍ରକଳ୍ପରେ ନିର୍ମାଣ ହୋଇଥିବା ଏକ ଲିଫ୍ଟ ୩ ବର୍ଷ ପରେ ମଧ କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଅନେକ ଯାତ୍ରୀ ପ୍ରାୟ ପ୍ରତି ବର୍ଷ ବିଭିନ୍ନ ସମୟରେ ଏହି ପୀଠକୁ ଆସିଥାନ୍ତି। ମାତ୍ର ସେମାନଙ୍କ ଅଭିଯୋଗ ୧୦/୧୫ ବର୍ଷ ପୂର୍ବେ ଏହି ପୀଠର ପରିବେଶ ଯାହାଥିଲା ଏବେ ସେହି ଅବସ୍ଥା। କେବଳ ରାସ୍ତା ଘାଟର ଅବସ୍ଥା ଯାହା ଟିକିଏ ଉନ୍ନତି ଘଟିଛି ବୋଲି ସେମାନେ ମତ ଦେଇଛନ୍ତି। ରାଜ୍ୟ ସରକାର ନୀଳମାଧବ ପୀଠର ବିକାଶ ଲାଗି ଅନୁଦାନ ମଞ୍ଜୁର କରି କାର୍ଯ୍ୟକ୍ରମ ଚାଲୁ ରହିଥିବାରୁ ଆଗାମୀ ଦିନରେ ଏହି ପୀଠର ନକ୍ସା ପରିବର୍ତ୍ତନ ସହ ଅନେକ ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି। ବିଶେଷ କରି ନୀଳମାଧବ ମନ୍ଦିରକୁ ଯିବା ପାଇଁ ପଶ୍ଚିମ ପାର୍ଶ୍ୱ ଓ ପୂର୍ବ ପାର୍ଶ୍ୱ ରାସ୍ତା ମୁଖ୍ୟତଃ ପ୍ରମୁଖ ମାଧ୍ୟମ ହୋଇଥିବା ବେଳେ ସମ୍ପୃକ୍ତ ଦୁଇ ପାର୍ଶ୍ୱ ରାସ୍ତା ଉପରେ ଉଠାଦୋକାନୀ ମାନଙ୍କ ଗହଳି ଯାନବାହନ ଚଳାଚଳରେ ସମସ୍ୟା ଦେଖାଦେଇଥାଏ। ତେବେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ତେବେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ସ୍ଥାନୀୟ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ସୂଚନା ଦେଇଛନ୍ତି।

# ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ



ଅତିଥିମାନେ ଭାଷା ଓ ଶାସ୍ତ୍ରୀୟତା ସମ୍ପର୍କରେ ଆଲୋଚନା କରୁଛନ୍ତି।

ନୟାଗଡ଼, ୧୧।୩(ଲୋକନାଥ ମିଶ୍ର)

ଓଡ଼ଗାଁ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ଯୋଗଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁନୀଲ କୁମାର ମହାପାତ୍ର ଓଡ଼ିଆ ଭାଷା ପରମ୍ପରା ଓ ଜାତି କିପରି ବଞ୍ଚି ରହିବ ସେନେଇ ଟିପ୍ପଣୀ ରଖିଥିଲେ। ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ପ୍ରଧାନ ଓଡ଼ିଆ ଭାଷାର ପ୍ରାଚୀନତା,ତା'ର ଉପାଦେୟତା ସମ୍ପର୍କରେ ମତ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁଦୀପ୍ତ କୁମାର ଦଳେଇ ଯୋଗଦେଇ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଲକ୍ଷଣ ସମ୍ପର୍କରେ ମତ ଦେଇଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ ତଥା କବି ପ୍ରଫୁଲ୍ଲ ମାଝୀ ଯୋଗଦେଇ ଓଡ଼ିଆ ଭାଷାର ଅସ୍ମିତା ଓ ମହତ୍ତ୍ୱ ସମ୍ପର୍କରେ ମତ ଦେଇଥିଲେ। ମୁଖ୍ୟବକ୍ତା ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଚିତ୍ତରଞ୍ଜନ ଦାଶ ଓଡ଼ିଆ ସମଗ୍ର ବିଶ୍ୱର ଏକ ସ୍ୱତନ୍ତ୍ର ଭାଷା ଏବଂ ଏକ ସଚେତନ ମନର ପରିଭାଷା ବୋଲି ମତ ଦେଇଥିଲେ । ମହାବିଦ୍ୟାଳୟର ସଂସ୍କୃତ ସମ୍ମାନ ବିଭାଗର ମୁଖ୍ୟ ମୃତ୍ୟୁଞ୍ଜୟ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ଓଡ଼ିଆ ବିଭାଗ ଅଧ୍ୟାପିକା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଜ୍ୟୋର୍ତିମୟୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମିକ ସଚେତନତା କର୍ମଶାଳା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ସହ ଅନ୍ୟମାନେ ।

ଶରଣକୁଳ, ୧୧।୩ (ଦୀପକ କର)

ଶରଣକୁଳ ଲଡୁବାବା ମନ୍ଦିର ସମ୍ମୁଖ ଓଟିଡିସି ହଲରେ ଏକ ଶ୍ରମିକ ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମିକ ସଂଗଠନ ସମ୍ପାଦକ ଶୁନ୍ୟଜୟୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ଡେପୁଟି କଲେକ୍ଟର ତପତି ରାଜ, ଜିଲା ଲେବର କମିଶନର ତେଜକୁମାର ବାଗେ, ସିଏସଓସିଏଚ ମୁରାଲିକୃଷ୍ଣ ରାଓ ଓ ବରିଷ୍ଠ ଆଇନଜୀବୀ ଚନ୍ଦ୍ରବିଜୟୀ ମିଶ୍ର ପ୍ରମୁଖ୍ୟ ଯୋଗ ଦେଇ ଶ୍ରମିକଙ୍କ ଅଧିକାର ଓ ଶୋଷଣ ନିରାକରଣ ସମ୍ପର୍କରେ ମତ ଦେଇଥିଲେ। ଶ୍ରମିକଙ୍କ ନାର୍ଯ୍ୟ ଅଧିକାର, ଶ୍ରମ ନିୟମର ଥିବା ଶ୍ରମିକ ଉନ୍ନତିର ବିଭିନ୍ନ ସାହାଯ୍ୟ ଓ କାର୍ଯ୍ୟକ୍ରମ, ଶ୍ରମିକମାନଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ଓ ସୁଯୋଗକୁ କିପରି କାର୍ଯ୍ୟକାରୀ କରାଯିବ ଆଦି ଅନେକ ବିଷୟ ଉପରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଶରଣକୁଳ ଅଞ୍ଚଳର କର୍ମଜୀବୀ ଶତାଧିକ ମହିଳା ଶ୍ରମିକ ଓ ପୁରୁଷ ଶ୍ରମିକମାନେ ଉପସ୍ଥିତ ରହି ନିଜ ନିଜର ଅଭାବ ଅସୁବିଧା ଉପରେ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଥିଲା। ଶ୍ରମିକ କାର୍ଡ ପାଇଁ ଆବେଦନ କରିଥିବା କିଛି ଶ୍ରମିକଙ୍କୁ କାର୍ଡ ମିଳିଥିବା ବେଳେ ଅନେକଙ୍କୁ ନ ମିଳିବା ନେଇ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା। କ୍ରମାନୁସାରରେ ଆବେଦନ କରିଥିବା ସମସ୍ତ ଶ୍ରମିକଙ୍କୁ ପର୍ଯ୍ୟାୟକ୍ରମେ କାର୍ଡ ମିଳିବ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ। ସର୍ବଶେଷରେ ସମସ୍ତ ଅତିଥି ଓ ଉପସ୍ଥିତ ମହିଳାପୁରୁଷ ଶ୍ରମିକମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ରାସ୍ତାକଡ଼ରେ ୩୩ କେଭି ବିଦ୍ୟୁତ୍ ସଂଯୋଗ, ଭୟରେ ଅଞ୍ଚଳବାସୀ

ଖଜୁରିପଡ଼ା, ୧୧।୩ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ବାରପୁଲିଆ ଠାରୁ ପିଲାଶାଲୁଙ୍କି ଡ୍ୟାମ୍ ପର୍ଯ୍ୟନ୍ତ ୩୩ କେଭି ବିଦ୍ୟୁତ୍ ତାର ସଂଯୋଗ କାମ ଚାଲିଛି। ଏହି ବିଦ୍ୟୁତ୍ ତାର ଆର୍‌ଡି ରାସ୍ତାର ଉପର ଦେଇ ସଂଯୋଗ ରହିଛି। ଆଶ୍ରମ ସ୍କୁଲ ନିକଟ ଦେଇ ତାର ଟଣା ଯାଇଛି। ତାହା ସହିତ ରାସ୍ତା ସୋଲ୍‌ଡର ଉପରେ ଖୁଣ୍ଟ ରହିଛି। ରାଇଖୋଲ ଗ୍ରାମର କିଛି ଅଂଶରେ କଭର ତାର ଟଣା ଯାଇଥିବା ବେଳେ ଆଉ କିଛି ଅଂଶ ବିନା କଭର୍ ତାର ଟଣା ଯାଇଛି। ଯାହାକୁ ନେଇ ସେହି ଅଞ୍ଚଳବାସୀ ସମେତ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀମାନେ ଭୟ କରୁଛନ୍ତି। ଏନେଇ କାମ କରୁଥିବା ଠିକାଦାର ଦିଲୀପ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପାନୀୟ ଜଳ ପ୍ରକଳ୍ପକୁ ୩୩ କେଭି ବିଦ୍ୟୁତ୍ ତାର ସଂଯୋଗ ହେଉଛି। ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ଅନୁମତି ଦେବାରୁ ଆମେ କାମ କରିଛୁ ବୋଲି କହିଛନ୍ତି। ଅନ୍ୟପକ୍ଷେ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ବିଚିତ୍ର ବିଷୋୟୀଙ୍କୁ ପଚାରିବାରୁ ସେ କହିଛନ୍ତି, ଲୋକଙ୍କ ସୁରକ୍ଷା ଦୃଷ୍ଟିକୁ ଆଖିରେ ରଖି କାମ କରିବା କଥା। ଖୁଣ୍ଟ ପୋତିବା ବେଳେ ବିଦ୍ୟୁତ୍ ତାର ସଂଯୋଗ ବେଳେ ଆମ ଉପସ୍ଥିତିରେ କାମ କରିବା କଥା ବୋଲି କହିଛନ୍ତି। ଆର୍‌ଡି ବିଭାଗୀୟ ଯନ୍ତ୍ରୀ ଦୁର୍ଗା ପ୍ରସାଦ ସିଂହଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ସୋଲ୍‌ଡର ଉପରେ ବିଦ୍ୟୁତ୍ ଖୁଣ୍ଟ ପୋତିବା ନିୟମ ନାହିଁ। ଖୁଣ୍ଟ ଘୁଞ୍ଚାଇବାକୁ କୁହା ଯାଇଛି। ଯାତ୍ରୀ ମାନଙ୍କ ଉପରେ କୌଣସି ଅଘଟଣ ହେଲେ ବିଦ୍ୟୁତ୍ ବିଭାଗ ଦାୟୀ ରହିବ। ଯାତ୍ରୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ଆମର କର୍ତ୍ତବ୍ୟ ତେଣୁ ମୁଁ ଉପରିସ୍ଥ ଅଧିକାରୀଙ୍କୁ ଏ ନେଇ ଜଣେଇବି ବୋଲି କହିଛନ୍ତି।


ରାସ୍ତାକଡ଼ରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ଖୁଣ୍ଟ।

# ନୀଳମାଧବ ବିଦ୍ୟାପୀଠ, ଶିକ୍ଷକ ଅଭାବରୁ ଶିକ୍ଷାଦାନ ବ୍ୟାହତ


କଣ୍ଟିଲୋ ନୀଳମାଧବ ନୋଡାଲ ହାଇସ୍କୁଲ।

ଖଣ୍ଡପଡା, ୧୧।୩(ଅଜୟ କୁମାର ମହାରଣା)

ଦୀର୍ଘ ବର୍ଷରୁ କଣ୍ଟିଲୋ ନୀଳମାଧବ ନୋଡାଲ ହାଇସ୍କୁଲରେ ଆବଶ୍ୟକ କଳା ଓ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ପିଲାମାନଙ୍କ ପାଠପଢାରେ ସମସ୍ୟା ହେଉଛି । ଅପରପକ୍ଷରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ବିଦ୍ୟାଳୟ ପରିଚାଳନାରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଖଣ୍ଡପଡା ବ୍ଲକ ଅନ୍ତର୍ଗତ ନୀଳମାଧବ ନୋଡାଲ ହାଇସ୍କୁଲରେ ସମ୍ପ୍ରତି ୨୮୮ ଛାତ୍ର ଅଧ୍ୟୟନ କରୁଥିବା ବେଳେ ବିଗତ ୯ ବର୍ଷ ହେଲା ହିନ୍ଦି ଶିକ୍ଷକ, ଗତ ୩ବର୍ଷ ହେଲା ଜଣେ କଳା ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଛାତ୍ରମାନେ ଶିକ୍ଷା ଗ୍ରହଣରୁ ବଞ୍ଚିତ ହେଉଥିବା ଜଣାଯାଇଛି । ରାଜ୍ୟ ସରକାର ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷାର ବିକାଶ ନିମନ୍ତେ ବହୁ ଯୋଜନାମାନ ଗ୍ରହଣ କରୁଥିବା ବେଳେ ଛାତ୍ରୀ ଛାତ୍ର(ପିଲାମାନେ) ଯେପରି ଶିକ୍ଷାଦାନରୁ ବଞ୍ଚିତ ନ ହୁଅନ୍ତି ସେଥି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ମାତ୍ର ୧୯୫୧ ରେ ପ୍ରତିଷ୍ଠା କରାଯାଇଥିବା ବହୁ ପୁରାତନ ଏହି ବିଦ୍ୟାଳୟରେ କାହିଁକି ଯେ, ଆବଶ୍ୟକ ଶିକ୍ଷକଙ୍କ ସ୍ଥାନ ପୂରଣ କରାଯାଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଶିକ୍ଷାନୁଷ୍ଠାନରେ ହିନ୍ଦି ଓ କଳାଶିକ୍ଷକଙ୍କ ପଦବୀ ଖାଲି ପଡିଥିବାରୁ ଶିକ୍ଷାଦାନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବାରିକ କହିଛନ୍ତି। ଅପରପକ୍ଷରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ୪ର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଦୀର୍ଘ ବର୍ଷ ହେଲା ଖାଲି ପଡିଥିବାରୁ ସମସ୍ୟା ସୃଷ୍ଟି ହେଉଥିବା ବାରିକ ପ୍ରକାଶ କରିଛନ୍ତି। ତୁରନ୍ତ ଏହାକୁ ପୂରଣ କରିବାକୁ ମୋସ୍କୁଲ ଅଭିଯାନ ସଭାପତି ଡ. ଅର୍ଜୁନ ସାହୁ ଏବଂ ଛାତ୍ର ଅଭିଭାବକମାନେ ଦାବି କରିଛନ୍ତି।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

ତୁମୁଡିବନ୍ଧ, ୧୧।୩(ଦୀପକ କୁମାର ପରାସେଠ)

ତୁମୁଡିବନ୍ଧ ବ୍ଲକ କରୁକୁଡୁପା ପଞ୍ଚାୟତ ଜରାଗୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ମାଙ୍ଗାପାଙ୍ଗ ଗ୍ରାମର ପୁରୋଚନ ଦିଗାଳଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗତ ମଙ୍ଗଳବାର ସେ ଘରୁ ବାଇକ୍ (ନଂ. ଓଡି ୦୭ ଏୱାଇ ୭୫୩୪)ରେ କଳାହାଣ୍ଡି ଜିଲା ଉର୍ଲାଦାନୀ ଗ୍ରାମର ଜଣେ ସମ୍ପର୍କୀୟଙ୍କ ବାହାଘରକୁ ଯାଇ ଫେରୁଥିବା ବେଳେ ୫୯ ନଂ. ଜାତୀୟ ରାଜପଥର ରିଣ୍ଡୋମାଝି ଛକଠାରେ ପଛପଟୁ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ ୟୁପି ୬୭ ବିଟି–୬୦୩୧) ତାଙ୍କୁ ଧକ୍କା ଦେଇଥିଲା। ବାଇକ୍‌ରୁ ଛିଟିକି ପଡି ଦିଗାଳ ଗୁରୁତର ହୋଇଥିଲେ। ତାଙ୍କୁ ତୁମୁଡିବନ୍ଧ ଗୋଷ୍ଠୀ ଚିକିତ୍ସାଳୟ, ସେଠାରୁ ବାଲିଗୁଡା ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବାଟରେ ଦିଗାଳଙ୍କ ମୃତ୍ୟୁ ହୋଇଯାଇଥିଲା।

# ଘରେ ପ୍ରସବ, ଖଟିଆରେ ଗ୍ରାମବାସୀ ବୋହି ଆଣିଲେ ଡାକ୍ତରଖାନା

ମୋହନା, ୧୧।୩(ମନ୍ମଥ ମିଶ୍ର)

ରାସ୍ତା ମରଣଯନ୍ତା ଯୋଗୁ ଗାଁକୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ଜଣେ ଗର୍ଭବତୀ ଘରେ ନିଜ ସନ୍ତାନ ଜନ୍ମ ଦେଇଛନ୍ତି। ଗଜପତି ଜିଲା ମୋହନା ବ୍ଲକ ସଦରରୁ ମାତ୍ର ୫ କି.ମି. ଦୂର ହୁଏରି ଗାଁରେ ଏପରି ଦେଖିବାକୁ ମିଳିଛି। ମୋହନା ବ୍ଲକର ଗାଣ୍ଡାପଦର ପର୍ଯ୍ୟନ୍ତ ଗାଡ଼ି ଯାତାୟାତ କରୁଥିବା ବେଳେ ଗାଣ୍ଡାପଦରରୁ ହୁଏରି ଯିବାକୁ ଘାଟି ରାସ୍ତା ଯୋଗୁ ଗାଡ଼ି ମୋଟର ଯାତାୟାତ କରିପାରୁନାହିଁ। ମଙ୍ଗଳବାର ବିଳମ୍ବିତ ରାତିରେ ଗାଁର ମିଟୁ ମଲ୍ଲିକଙ୍କ ସ୍ତ୍ରୀ ଚନ୍ଦ୍ରିକା(୨୪)ଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ୧୦୮କୁ ଫୋନ କରିଥିଲେ। ରାସ୍ତା ଅତି ଖରାପ ଥିବାରୁ ଆମ୍ବୁଲାନ୍ସ ଗାଁକୁ ଯାଇ ନ ପାରି ଅଧା ରାସ୍ତାରୁ ଫେରି ଆସିଥିଲା। ରାତି ପ୍ରାୟ ୨ଟାରେ ଚନ୍ଦ୍ରିକା ନିଜ ଘରେ ଆଶାକର୍ମୀଙ୍କ ସହଯୋଗରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ।

# କ୍ୟାନ୍ସରରେ ପୀଡ଼ିତଙ୍କୁ ସହାୟତା

ଗଞ୍ଜାମ, ୧୧।୩(ଅନାଥ ତରାଇ)

ଗଞ୍ଜାମ ବ୍ଲକ୍ ସନ୍ତୋଷପୁର ପଞ୍ଚାୟତ କୁଜିଢେପା ଗ୍ରାମର ନାରାୟଣ ପ୍ରଧାନ(୪୦) କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ନାରାୟଣ ପେଶାରେ ଜଣେ ରାଜମିସ୍ତ୍ରୀ। ହେଲେ ଏ ଅବସ୍ଥାରେ ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟସାଧ ହୋଇପଡ଼ିଛି। ତାଙ୍କର ପରିବାର କହିଲେ ବୃଦ୍ଧା ମା', ଭିନ୍ନକ୍ଷମ ପତ୍ନୀ ଅନିତା ଏବଂ ୩ ପିଲା। କ୍ୟାନ୍ସର ଭଳି ବ୍ୟୟବହୁଳ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ଥିବାବେଳେ ପରିବାର ପାଖରେ କୌଣସି ସଞ୍ଚିତ ଅର୍ଥ ନାହିଁ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ ବୁଧବାର ସ୍ଥାନୀୟ ତହସିଲଦାର ସୁକାନ୍ତ ମିଶ୍ର, ସୁପରଭାଇଜର କାଞ୍ଚନବାଳା ସାହୁ ଏବଂ ବିଧାୟକଙ୍କ ପ୍ରତିନିଧି ବନୋଜ ନାହାକ ନାରାୟଣଙ୍କ ଘରକୁ ଯାଇ ପରିବାର ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷର ୨୦ ହଜାର ଟଙ୍କା ଏବଂ ବିଧାୟକଙ୍କ ବ୍ୟକ୍ତିଗତ ହାତ ଖର୍ଚ୍ଚରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଯଥାସମ୍ଭବ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା, ଜନଶୁଣାଣି


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା, ୧୧।୩(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ସଭା ଗୃହରେ ବୁଧବାର ବ୍ଲକର ୨୭ଟି ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ସହାୟତାରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସାମାଜିକ ସମୀକ୍ଷା ଓ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ ଅଧକ୍ଷତା କରିଥିଲେ। ଛତ୍ରପୁର ଉପଜିଲାପାଳ ସୁବାଶିଷ ବରାଳ, ସାମାଜିକ ସୁରକ୍ଷା ଅଧିକାରୀ ଏବିଡିଓ ସୁଶାନ୍ତ ବେହେରା, ବନାଞ୍ଚଳ ଅଧିକାରୀ ପ୍ରମୋଦ ପଣ୍ଡା, ବନପାଳ ଶରତ ଚନ୍ଦ୍ର ବେହେରା, ଏବିଇଓ ବିଭୂନନ୍ଦନ ପଣ୍ଡା, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳବେହେରା ଓ ପଞ୍ଚାୟତ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ଗତ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୨୭ଟି ପଞ୍ଚାୟତର ୭,୯୦୫ ପରିବାରର ୮ହଜାର ୭ଶହ ଜଣ କାର୍ଯ୍ୟ କରିଥିବା ଓ ସମ୍ପୂର୍ଣ୍ଣ ୨ଲକ୍ଷ ୩୫ହଜାର ୯୪୦ ଶ୍ରମ ଦିବସ ସୃଷ୍ଟି ହୋଇଛି । ୭୪ଟି ପରିବାର ୧୦୦ ଦିନ କାର୍ଯ୍ୟ କରିଛନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟରେ ୨୭ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୬ଟି, ୧୭୮ଟି ପୋଖରୀ ମଧ୍ୟରୁ ୧୩ଟି, ୨୧୯ଟି ଗ୍ରାମ୍ୟ ରାସ୍ତାରୁ ୩୫ଟି, ୧୬ଟି ଚେକଡ୍ୟାମରୁ ୨ଟି, ୫୯ଟି ଗାଈ ଗୁହାଳରୁ ୧୪ଟି ଓ ୫୯ଟି କଲଭର୍ଟରୁ ୫ଟିରେ କାମ ସରିଛି। ଜିଲା ପରିଷଦ ସଦସ୍ୟ ମନୋଜ ଦୋରା, ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚି, ଜୟସେନ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ପୋଖରୀରେ ପଡ଼ିଲା ଜାଲ

■ପୋଖରୀରୁ ମାଛ ଧରିବାକୁ ନେଇ ରାଣୀଗାଁ ଅଶାନ୍ତ ଘଟଣା
■ଖର୍ଚ୍ଚ ବାଦ୍ ଏସ୍‌ଏଚ୍‌ଜି ଲାଭ ପାଇଲା ୬୨୦ ଟଙ୍କା

ପୁରୁଷୋତ୍ତମପୁର, ୧୧।୩ (ସବିତା ମିଶ୍ର)


ପୋଖରୀରୁ ଜାଲ ପକାଇ ମାଛ ଧରା ହେଉଛି।

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ରାଣୀଗାଁ କାନକାଟି ପୋଖରୀରୁ ମାଛ ଧରିବାକୁ କେନ୍ଦ୍ରକରି ଲାଗି ରହିଥିବା ବିବାଦର ଏକପ୍ରକାରର ଅନ୍ତ ଘଟିଛି। ଶେଷରେ ନିଷ୍ପତ୍ତି ମୁତାବକ ବୁଧବାର ପୋଖରୀରେ ଜାଲ ପଡି ମାଛ ଧରା ହୋଇଛି। ନିଲାମ ନେଇଥିବା ଗୁଣେଶ୍ୱର ମହିଳା ସଂଘ (ଏସ୍‌ଏଚ୍‌ଜି ) ଖର୍ଚ୍ଚ କରିଥିବା ଅର୍ଥ ନେବା ପରେ ମାତ୍ର ୬୨୦ ଟଙ୍କା ଲାଭ ପାଇଥିଲା। ଏହି ଅର୍ଥରୁ ମନ୍ଦରରର ଉନ୍ନୟନ ବାବଦକୁ ଅର୍ଥ ପ୍ରଦାନ କରିଛି। ଖବରରୁ ଜଣାପଡିଛି, ରାଣୀଗାଁରେ ପୋଖରୀ ନିଲାମ ଓ ମାଛ ଧରିବାକୁ ନେଇ ଏସ୍‌ଏଚ୍‌ଜି ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଏପରିକି ଏହି ଘଟଣା ହାଇକୋର୍ଟଙ୍କ ପର୍ଯ୍ୟନ୍ତ ଯାଇଥିଲା। ଗତ ୬ ତାରିଖରେ ଏହାକୁନେଇ ଗ୍ରମରେ ବିବାଦ ଉଗ୍ରରୂପ ନେବାରୁ ତହସିଲଦାର ବିନୋଦ ବେହେରା, ଏସ୍‌ଡିପିଓ ସୁଜିତ ନାୟକ, ଆଇଆଇସି କୁଳମଣି ସେଠୀ ପୋଲିସ ଫୋର୍ସ ସହ ଗ୍ରାମରେ ପହଞ୍ଚି ସରପଞ୍ଚ ଏନ ଭାସ୍କର ଦୋରା, ପିଇଓ ଏଲ ବାନ୍ୟାଙ୍କ ସମେତ ଏସ୍‌ଏଚ୍‌ଜି ଓ ଗ୍ରାମବାସୀଙ୍କୁ ନେଇ ବୈଠକ କରିଥିଲେ। ଉଭୟ ପକ୍ଷଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଇ ଏସ୍‌ଏଚ୍‌ଜିର ଖର୍ଚ୍ଚ ଓ ତଦାରଖ ବାବଦରେ ଖର୍ଚ୍ଚ ୬୦ ହଜାର ଟଙ୍କା ନେବେ। ଏଥିରୁ ମିଳିଥିବା ଲଭାଂଶର ୬୦ ପ୍ରତିଶତରୁ ସେମାନେ ୪୦ ପ୍ରତିଶତ ଗ୍ରାମର ମୁକ୍ତେଶ୍ୱର ମନ୍ଦିର ଉନ୍ନୟନ ଲାଗି ଦେବାକୁ ସ୍ଥିର କରାଯାଇ ବୁଧବାର ମାଛ ଧରିବାକୁ ନିଷ୍ପତ୍ତି ନହୋଇଥିଲା। ସେହି ଅନୁସାରେ ବୁଧବାର ପୋଲିସ, ପ୍ରଶାସନ ଓ ଏସ୍‌ଏଚ୍‌ଜି ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ପୋଖରୀରେ ଜାଲପଡି ମାଛ ଧରାଯାଇଥିଲା। ଏହି ସମୟରେ ୩୪୦ କେଜି ବଡମାଛ ମିଳିଥିଲା। ଏହାର ମୂଲ୍ୟ ୫୭,୮୦୦ ଟଙ୍କା ଓ ୪୭ କେଜି ଛୋଟ ମାଛ ମିଳିଥିଲା। ଏହାର ମୂଲ୍ୟ ୨୮୨୦ ଟଙ୍କା ହୋଇଥିଲା। ଉଭୟ ବଡ ଓ ଛୋଟ ମାଛ ବାବଦକୁ ଏସ୍‌ଏଚ୍‌ଜି ୬୦,୬୨୦ ଟଙ୍କା ପାଇଥିଲା। ଏଥିରୁ ନିଷ୍ପତ୍ତି ଅନୁସାରେ ଏସ୍‌ଏଚ୍‌ଜି ଯାଆଁଳ ଖର୍ଚ୍ଚ ବାବରେ ହୋଇଥିବା ଖର୍ଚ୍ଚ ୬୦ ହଜାର ପାଇଥିବା ବେଳେ ମୋଟ ଲାଭାଂଶ ୬୨୦ ଟଙ୍କାରୁ ୩୭୨ ଟଙ୍କା ନେଇ ଗ୍ରାମ୍ୟ ମନ୍ଦିରକୁ ଲାଭାଂଶ ୩୭୨ ଟଙ୍କାରୁ ୨୪୮ ଟଙ୍କା ଦେଇଥିଲା। ଏହି ସମୟରେ ପୁରୁଷୋତ୍ତମପୁର ଥାନା ଏସଆଇ ରାଜେଶ ଛତ୍ରିଆ, ସୁଶାନ୍ତ ମିଶ୍ର, ଶିକୁଳା ଆରଆଇ ସନ୍ତୋଷିନୀ ଗୌଡ , ସରପଞ୍ଚ ଏନ. ଭାସ୍କର ଦୋରା ଉପସ୍ଥିତ ଥିଲେ।

# ପୁଣି ଷଷ୍ଠ ଶ୍ରେଣୀ ବିଜ୍ଞାନ ପ୍ରଶ୍ନପତ୍ରରେ ତ୍ରୁଟି

**ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ବୋର୍ଡ ପରୀକ୍ଷା**

- ଏକ ମାର୍କ ଭୁଲ୍ ଅଭିଯୋଗ
- ତ୍ରୁଟି ପ୍ରଶ୍ନପତ୍ର ପାଇଁ ଅଷ୍ଟମ, ଷଷ୍ଠ ଶ୍ରେଣୀ ପିଲାଙ୍କୁ ମିଳିବ ଗ୍ରେସ୍ ମାର୍କ

ଜଗତ୍‌ସିଂହପୁର, ୧୧।୩ (ପ୍ରମୋଦ କୁମାର ନାୟକ)

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଓଡ଼ିଶାରେ ଚଳିତବର୍ଷଠାରୁ ପ୍ରଥମ କରି ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ସମାପ୍ତି ସୂଚକ ଆକଳନ (ସମେଟିଭ୍ ଆସେସମେଣ୍ଟ-୨) ପରୀକ୍ଷା ହେଉଛି। ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଲିଖିତ ପରୀକ୍ଷା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରୀକ୍ଷାର ଦ୍ୱିତୀୟ ଦିନ ଅଷ୍ଟମ ଶ୍ରେଣୀ ଗଣିତ ପ୍ରଶ୍ନପତ୍ରରେ ତ୍ରୁଟି ଦେଖିବାକୁ ମିଳିଥିଲା। ୩ୟ ଦିନ ଅର୍ଥାତ୍ ବୁଧବାର ଷଷ୍ଠ ଶ୍ରେଣୀ ପିଲାଙ୍କ ବିଜ୍ଞାନ ପ୍ରଶ୍ନପତ୍ରରେ ମଧ୍ୟ ତ୍ରୁଟି ନଜରକୁ ଆସିଛି। ୮ ନମ୍ବର ଘ-ରେ ଏଭଳି ଦେଖିବାକୁ ମିଳିଛି। ୮ ନମ୍ବରରେ ମୋଟ ୮ଟି ପ୍ରଶ୍ନର ଉତ୍ତର କରିବାକୁ ଉଲ୍ଲେଖ ଥିବାବେଳେ ପ୍ରତ୍ୟେକ ପ୍ରଶ୍ନ ପାଇଁ ୨ ନମ୍ବର ସ୍ଥିର ହୋଇଥିଲା। କିନ୍ତୁ ଘ-ରେ କ'ଣ ଲେଖା ଅଛି ତାହା ବୁଝା ପଡୁନାହିଁ। ଫର୍ମାଟ୍ ବଦଳି ଯାଇଥିବାରୁ ଏହା ପଢିବା ସମ୍ଭବ ହୋଇ ନ ଥିବା କୁହାଯାଉଛି। ଯେଉଁଥିପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ର ଏହି ପ୍ରଶ୍ନର ଉତ୍ତର କରିନାହାନ୍ତି। ଏ ବାବଦରେ ଗ୍ରେସ ମାର୍କ ଦେବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଏହା ସମ୍ପର୍କରେ ଶିକ୍ଷକ ଶିକ୍ଷା ସଂଯୋଜକ ତପନ କୁମାର ନନ୍ଦଙ୍କୁ ପଚାରିବାରେ ଅଷ୍ଟମ ଓ ଷଷ୍ଠ ଶ୍ରେଣୀ ପିଲାଙ୍କ ଏହି ତ୍ରୁଟିପୂର୍ଣ୍ଣ ପ୍ରଶ୍ନ ପାଇଁ ଗ୍ରେସ ମାର୍କ ଦିଆଯିବ। ଅର୍ଥାତ୍ ଅଷ୍ଟମ ପିଲାଙ୍କୁ ୭ ଓ ଷଷ୍ଠ ଶ୍ରେଣୀ ପିଲାଙ୍କୁ ୨ ମାର୍କ ଦିଆଯିବା ପାଇଁ ପ୍ରତ୍ୟେକ ସିଆର୍‌ସିଙ୍କୁ ଚିଠି କରାଯାଇଛି ବୋଲି ସେ କହିଛନ୍ତି।

ଗତ ୧୦ ତାରିଖରେ ଅଷ୍ଟମ ଶ୍ରେଣୀ ଗଣିତ ପରୀକ୍ଷାରେ ୧ ନମ୍ବର ମାର୍କ ଥିବା ୨ଟି ପ୍ରଶ୍ନ ଓ ୫ ନମ୍ବର ମାର୍କ ଥିବା ୧ଟି ପ୍ରଶ୍ନ, ଏହିପରି ମୋଟ ୭ ମାର୍କ ଭୁଲ ଥିବା ଅଭିଯୋଗ ହୋଇଥିଲା। ୧ ମାର୍କ ଥିବା ଗୋଟିଏ ପ୍ରଶ୍ନ ପାଇଁ ତଳେ ଦିଆଯାଇଥିବା ୪ଟି ଯାକ ପସନ୍ଦ ମଧ୍ୟରୁ ଗୋଟିଏ ବି ଠିକ ଉତ୍ତର ନ ଥିଲା। ଅନୁରୂପ ଭାବେ ଆଉ ଏକ ୧ ମାର୍କ ବିଶିଷ୍ଟ ପ୍ରଶ୍ନରେ ମଧ୍ୟ ତଳେ ଦିଆଯାଇଥିବା ୪ଟି ଯାକ ପସନ୍ଦର ଉତ୍ତର ମଧ୍ୟରୁ ଗୋଟିଏ ବି ଠିକ ନ ଥିଲା। ସେହିପରି ଏକ ୫ ମାର୍କ ବିଶିଷ୍ଟ ପ୍ରଶ୍ନରେ ଗୋଟିଏ ବାହୁର ଦୈର୍ଘ୍ୟ ୩୦ ସେଣ୍ଟିମିଟର ଓ ଅନ୍ୟ ୨ଟି ବାହୁର ଦୈର୍ଘ୍ୟ ଏହାଠାରୁ କମ ବୋଲି ସ୍ପଷ୍ଟ ଉଲ୍ଲେଖ ଥିଲା। ଏହି ତ୍ରୁଟିପୂର୍ଣ୍ଣ ପ୍ରଶ୍ନର ଉତ୍ତର ଛାତ୍ରୀଛାତ୍ରମାନେ କରିବା ସମ୍ଭବ ହୋଇ ନ ଥିଲା। ତେଣୁ ମୋଟ ଉପରେ ତ୍ରୁଟିପୂର୍ଣ୍ଣ ୩ଟି ପ୍ରଶ୍ନ ପାଇଁ ସ୍ଥିରିକୃତ ୭ ମାର୍କ ଗ୍ରେସ ଆକାରରେ ଦେବାକୁ ଦାବି ହୋଇଥିଲା।

# ଖଣ୍ଡତରିଠାରେ ମୃତଦେହ ରଖି ରାସ୍ତାରୋକୋ



ରାସ୍ତାରେ ବସିରହିଥିବା ଗ୍ରାମବାସୀ।

**ପୁଅକୁ ମାରି ଗଛରେ ଝୁଲାଇ ଦିଆଯାଇଛି**

ରଘୁନାଥପୁର, ୧୧।୩ (ରାଜେନ୍ଦ୍ର ନାରାୟଣ ସିଂହ)

ପୁଅକୁ ଜୀବନରୁ ମାରି ଗଛରେ ଝୁଲାଇ ଦିଆଯାଇଛି। ପୋଲିସ ଏହାକୁ ଆତ୍ମହତ୍ୟା ରୂପ ଦେଇ ସହଯୋଗ କରୁନି ବୋଲି ସଙ୍ଗୀନ ଅଭିଯୋଗ ରଘୁନାଥପୁର ଥାନା ଖଣ୍ଡତରି ଗ୍ରାମର ମୃତ ଶୁଭମଙ୍କ ବାପା ଚିତ୍ତରଞ୍ଜନ ମଲ୍ଲିକ ଆଣିଛନ୍ତି। ବୁଧବାର ପୁଅ ଶୁଭମଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ କଟକ-ପାରାଦୀପ ରାସ୍ତାର ଖଣ୍ଡତରିଠାରେ ମୃତଦେହ ରଖି ଗ୍ରାମବାସୀ ପ୍ରତିବାଦ ସହ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଅପରାହ୍ନ ୩ରୁ ସନ୍ଧ୍ୟା ସଢେ ୫ ଟା ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ ଦାସ ଓ ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠୀ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଆସନ୍ତା ଏକ ସପ୍ତାହ ଭିତରେ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରିବା ପାଇଁ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ଏହାଛଡା ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କାର ଚେକ୍ ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା। ଏ ନେଇ ପୋଲିସ ନଂ. ୬୨/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଆଇଆଇସି ସେଠୀ କହିଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର ଶୁଭମଙ୍କୁ ମୁମୂର୍ଷୁ ଭାବେ ସ୍ଥାନୀୟ ମହାନଦୀ ପଠାରେ ଗଛ ଉପରେ ହୋଇଥିବା ମଞ୍ଚାରୁ ବେକରେ ଗାମୁଛା ବନ୍ଧା ହୋଇ ବସିବା ଅବସ୍ଥାରେ ମିଳିଥିଲେ। ତୁରନ୍ତ ତାଙ୍କୁ ପ୍ରଥମେ ରଘୁନାଥପୁର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ତେବେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଶୁଭମ ବେକରେ ଥିବା ଗାମୁଛା ତାଙ୍କର ହୋଇ ନ ଥିବା ବାପା ଚିତ୍ତରଞ୍ଜନ ପ୍ରକାଶ କରିଛନ୍ତି। ଉକ୍ତ ଗାମୁଛା ଓ ଅଭିଯୋଗରେ ଦର୍ଶାଯାଇଥିବା ୩ ଜଣଙ୍କ ନାମକୁ ତଦନ୍ତ ପରିସରଭୁକ୍ତ କରି ଅନୁଧ୍ୟାନ କଲେ ସତ୍ୟତା ମିଳିବ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବିନା ଅନୁମତିରେ ମଣ୍ଡିରେ ଅନୁପସ୍ଥିତ, ୪ ଜଣଙ୍କ ଦରମା ବନ୍ଦ

ନାଉଗାଁ, ୧୧।୩ (ସୁଧା ବେହୁରା)

ନାଉଗାଁ ବ୍ଲକରେ ୬ ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ) ମାଧ୍ୟମରେ ଧାନ ସଂଗ୍ରହ କରାଯାଉଛି। ବିନା ଅନୁମତିରେ ୪ ପାକ୍ସର ନୋଡାଲ ଅଧିକାରୀ ମଣ୍ଡିରେ ଅନୁପସ୍ଥିତ ଥିବାରୁ ସେମାନଙ୍କ ଦରମା ବନ୍ଦ ହୋଇଥିବା ଜଣାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୮୨୩ /୧୦।୩।୨୬ରେ ଫେବୃଆରୀ ୧୨ରୁ ୨୦ତାରିଖ ପର୍ଯ୍ୟନ୍ତ ବ୍ଲକରେ ଥିବା ସୋସାଇଟି ମାଧ୍ୟମରେ ଧାନ ସଂଗ୍ରହ (ମଣ୍ଡି) କରାଯାଇଥିଲା। ଏହିଦିନରେ ମଣ୍ଡିରେ ନିଯୁକ୍ତ ନୋଡାଲ ଅଫିସରମାନେ ବିନା ଅନୁମତିରେ ଅନୁପସ୍ଥିତ ଥିଲେ। ସେମାନେ ହେଲେ ନାଉଗାଁ ପାକ୍ସର ନୋଡାଲ ଅଧିକାରୀ ପ୍ରଭାସ କୁମାର ସ୍ୱାଇଁ, ଶିଖର ପାକ୍ସର ନୋଡାଲ ଅଧିକାରୀ ନଗେନ୍ଦ୍ର ସାହୁ, ଡେରିକି ପାକ୍ସର ନୋଡାଲ ଅଧିକାରୀ ସୁବ୍ରତ କୁମାର ରାଉତ, ତିରୁଣା ପାକ୍ସର ନୋଡାଲ ଅଧିକାରୀ ଶରତ ଚନ୍ଦ୍ର ପରିଡାଙ୍କର ଚଳିତମାସ ଦରମାକୁ ପରବର୍ତ୍ତୀ ଆଦେଶ ନ ଆସିବା ପର୍ଯ୍ୟନ୍ତ ଜିଲାପାଳ ବନ୍ଦ ରଖିଛନ୍ତି। ଏହାର ନକଲ କପି ଜିଲା କୋଷାଗାର ଅଧିକାରୀ, ଜିଲା ଅଧୀନରେ ଥିବା ସମସ୍ତ ଏମ୍‌ଏସ୍‌ଓ, ବିଡିଓ, ତହସିଲଦାର, ଡିଆର୍‌ସିଏସ୍ ଜଗତ୍‌ସିଂହପୁର, ସିଡିଏଓ, ଜଗତ୍‌ସିଂହପୁର, ଉପଜିଲାପାଳ ଜଗତ୍‌ସିଂହପୁରଙ୍କ ଅବଗତି ନିମନ୍ତେ ସୂଚନା ପ୍ରଦାନ କରାଯାଇଛି।

# ବାରବାଟିଆରେ ଦୋଳପର୍ବ ଉଦ୍‌ଯାପନୀ ଉତ୍ସବ



ପ୍ରବଚନ ଦେଉଛନ୍ତି ବୀରେନ୍ଦ୍ର ପଣ୍ଡା।

ବାଲିକୁଦା, ୧୧।୩(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ମରିଚପୁର ପଞ୍ଚାୟତ ବାରବାଟିଆ ଗ୍ରାମର ଶ୍ରୀଭାଗବତ ଗାଦିଙ୍କ ପ୍ରାଙ୍ଗଣରେ ଦୋଳପର୍ବର ଉଦ୍‌ଯାପନୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ କଥା ବାଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଓ ବାବା ରାମ ପଙ୍କଜ ମହାରାଜଙ୍କ ଦ୍ୱାରା ପ୍ରବଚନ ଓ ଲଉଡ଼ି ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହ ପରମ୍ପରା ତଥା ରୀତିନୀତି ଅନୁଯାୟୀ ଛତ୍ର ପୂଜା, ଭାଗବତ ପାଠ ଓ ଭୋଗ କରାଯିବା ପରେ ପୂର୍ଣ୍ଣିମା ପୂର୍ବଦିନରୁ ବନ୍ଧା ଯାଇଥିବା ଛତା ଖୋଲାଯାଇଥିଲା। ଏହି ଉତ୍ସବରେ ଜଗତ୍‌ସିଂହପୁର ଆର୍ଯ୍ୟ ସମାଜର ଉପସଭାପତି ସୋମନାଥ ମହାରଣା, ସୁଚିତ୍ରା ମହାରଣା, ଗାୟକ ମାନସ କୁମାର ବେହେରା, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକ, ମରିଚପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସଦାନନ୍ଦ ବେହେରା, ସମିତି ସଭ୍ୟାଙ୍କ ପ୍ରତିନିଧି ଶରତ ଚନ୍ଦ୍ର ନାୟକ, ସାମାଜିକ କର୍ମୀ ରମେଶ ଚନ୍ଦ୍ର ସ୍ୱାଇଁ, ନାଏବ ସରପଞ୍ଚ କୈଳାସ ଚନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ ପୁରସ୍ତମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ପକ୍ଷରୁ ବୃନ୍ଦାବନ ଶୁକ୍ଳା, ଦୁର୍ଯ୍ୟୋଧନ ଶୁକ୍ଳା, ରମେଶ ଚନ୍ଦ୍ର ବହିରା, ବନମାଳୀ ଦାସ, ମରିଚପୁର ଓ ନହରଣା ପଞ୍ଚାୟତର ଯାଦବ ଭାଇମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁରକ୍ଷା ମାନଦଣ୍ଡକୁ ମାନିବା ଜରୁରୀ



ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଶପଥପାଠ କରାଯାଉଛି।

**ଜାତୀୟ ସୁରକ୍ଷା ସପ୍ତାହ ସଚେତନତା କାର୍ଯ୍ୟକ୍ରମ**

ପାରାଦୀପ, ୧୧।୩ (ଶରତ ରାଉତ)

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଗତ ୫ ତାରିଖରୁ ଚାଲିଥିବା ୫୫ ତମ ଜାତୀୟ ସୁରକ୍ଷା ସପ୍ତାହ ସଚେତନତା କାର୍ଯ୍ୟକ୍ରମ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ମଧୁବନ ଅଫିସର୍ସ କ୍ଲବଠାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡକ୍ ସେଫ୍ଟି ଉପ ନିର୍ଦ୍ଦେଶକ ବ୍ରିଜେନ୍ଦ୍ର କୁମାର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ପରାମର୍ଶଦାତା ଏ. କେ. ବୋଷ, ମୁଖ୍ୟଯନ୍ତ୍ରୀ ହିମାଂଶୁ ରାଉତ, ଅର୍ଥ ପରାମର୍ଶ ଅଧିକାରୀ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କର୍ମ କ୍ଷେତ୍ରରେ ସୁରକ୍ଷା ମାନଦଣ୍ଡ ବ୍ୟବସ୍ଥା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ କରାଯିବା ଦରକାର ଏବଂ ସେହି ମାନଦଣ୍ଡକୁ କର୍ମଚାରୀ, ଶ୍ରମିକ ମାନିବା ଦରକାର ବୋଲି ମୁଖ୍ୟ ଅତିଥି ବ୍ରିଜେନ୍ଦ୍ର କହିଥିଲେ। ଏହି ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ପୋଷ୍ଟର, ସଚେତନତା ରଥ ପରିକ୍ରମା ଆଦି କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ କୃତୀ ପ୍ରତିଭାଧାରୀଙ୍କୁ ଉଦ୍‌ଯାପନୀ ସନ୍ଧ୍ୟାରେ ପୁରସ୍କୃତ କରାଯାଇଛି।

# କୁଜଙ୍ଗ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

କୁଜଙ୍ଗ, ୧୧।୩ (ମନୋଜ ପ୍ରଧାନ)

ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟ ଆନୁକୂଲ୍ୟରେ ଚଳିତବର୍ଷ ଏପ୍ରିଲ ୯ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ କୁଜଙ୍ଗ ମହୋତ୍ସବ ଅନୁଷ୍ଠିତ ହେବ। ଏଥିନିମନ୍ତେ ବୁଧବାର କୁଜଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ମହୋତ୍ସବ କମିଟି ସଭାପତି ତଥା ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ସମ୍ପାଦକ ତଥା ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ଥାନା ଅଧିକାରୀ ବଂଶୀଧର ପ୍ରଧାନ, ବ୍ଲକ ପ୍ରାଣୀ ଚିକିତ୍ସକ ଜୟ ପ୍ରକାଶ ଭଞ୍ଜ, ଅଗ୍ନିଶମ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ, ମନ୍ତ୍ରୀଙ୍କ କୁଜଙ୍ଗ ବ୍ଲକ ପ୍ରତିନିଧି ଦିଲୀପ ବେହେରା, ଭାଜପା ଜିଲା ଉପସଭାପତି ତପନ କୁମାର ତ୍ରିପାଠୀ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, କୁଜଙ୍ଗ ପଞ୍ଚାୟତ ପ୍ରମୁଖ ରାଜେନ୍ଦ୍ର ନାରାୟଣ ଦାସଙ୍କ ସମେତ ଟ୍ରଷ୍ଟ ଓ ମହୋତ୍ସବ କମିଟିର ସମସ୍ତ ସଦସ୍ୟାସଦସ୍ୟ ଯୋଗଦେଇଥିଲେ। ମହୋତ୍ସବ ନିମନ୍ତେ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହେବା ସହ ମନ୍ତ୍ରୀଙ୍କ ପ୍ରତିନିଧି ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହୋତ୍ସବ ସଞ୍ଚାଳନ ହେବା ନିମନ୍ତେ ନିଷ୍ପତ୍ତି ହୋଇଛି।

# ଇଫ୍‌କୋ ପରିସରରେ ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ

ପାରାଦୀପ, ୧୧।୩(ଶରତ ରାଉତ)

ପାରାଦୀପ ଇଫ୍‌କୋ ସାର କାରଖାନା ପରିସରରେ ୫ ତାରିଖରୁ ଚାଲିଥିବା ୫୫ତମ ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ କାରଖାନା ଓ ବାଷ୍ପିତ ବିଭାଗର ଉପ ନିର୍ଦ୍ଦେଶକ ମଳୟ କୁମାର ପ୍ରଧାନ, ଚନ୍ଦ୍ରଶେଖର ବେହେରା, ପାରାଦୀପ ୟୁନିଟ୍ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରମିକ କର୍ମଚାରୀଙ୍କ ସୁରକ୍ଷା ନିରାପତ୍ତା ଉପରେ ଆଲୋକପାତ କରିଥିଲେ। କର୍ମକ୍ଷେତ୍ରରେ ଥିବାବେଳେ ସତର୍କତା ଅବଲମ୍ବନ କଲେ ବିପଦକୁ ଏଡାଇ ଦେଇ ହେବ ବୋଲି ଅତିଥି ପ୍ରଧାନ କହିଥିଲେ। ୟୁନିଟ୍ ମୁଖ୍ୟ ମହାପାତ୍ର କହିଥିଲେ, ଇଫ୍‌କୋ ସବୁବେଳେ ସୁରକ୍ଷା ପ୍ରସଙ୍ଗକୁ ପ୍ରାଧାନ୍ୟ ଦେଇ ଆସିଛି। ଶ୍ରମିକ କର୍ମଚାରୀଙ୍କ ସୁରକ୍ଷା କିଟ୍ ଦେଉଛୁ। କାରଖାନାର ସୁରକ୍ଷା ବ୍ୟବସ୍ଥା ସବୁବେଳେ ଯାଞ୍ଚ କରାଯାଉଛି। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ସଚେତନତା ରଥ ପରିକ୍ରମା, ଛାତ୍ରୀମାନଙ୍କୁ ନେଇ ବକ୍ତୃତା ସ୍ଲୋଗାନ ଆଦି ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

# ଜଗତ୍‌ସିଂହପୁରରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ଦିବସ



ଉତ୍କଳ ସମ୍ମିଳନୀ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ଦିବସ ପାଳନ କରାଯାଉଛି।

ଜଗତ୍‌ସିଂହପୁର, ୧୧।୩ (ପ୍ରମୋଦ କୁମାର ନାୟକ)

ଉତ୍କଳ ସମ୍ମିଳନୀ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ମୁଖ୍ୟ ଫାଟକ ସମ୍ମୁଖ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ବାବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଓଡ଼ିଆ ଭାଷା ଶାସ୍ତ୍ରୀୟ ଦିବସ ପାଳିତ ହୋଇଯାଇଛି। ଏହି ସମୟରେ ସମ୍ମିଳନୀ ଜିଲା ସଭାପତି ଆଇନଜୀବୀ ଶିବ ପ୍ରସାଦ ମାଝୀ, ଉପସଭାପତି ଗୋବିନ୍ଦ ଓଝା, କୋଷାଧ୍ୟକ୍ଷ ରବି ମହାନ୍ତି, ଆଇନଜୀବୀ ସୁରେନ୍ଦ୍ର ନାଥ ମିଶ୍ର, ବିଶ୍ୱଜିତ ମହାନ୍ତି, ଅନିରୁଦ୍ଧ ସାବତ, ଭାଗୀରଥି ଦଳେଇ ଓ ବିଜୟିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୁହାଯାଇଥିଲା, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ସରକାରୀସ୍ତରରେ ଏ ପର୍ଯ୍ୟନ୍ତ ଓଡ଼ିଆ ଭାଷାର ପୂର୍ଣ୍ଣ ପ୍ରଚଳନ ହୋଇପାରିନାହିଁ। ସରକାର ସରକାରୀସ୍ତରରେ ଓଡ଼ିଆ ଭାଷା ପ୍ରଚଳନ କରିବା ସାଙ୍ଗକୁ ବ୍ୟବସାୟ ତଥା ବାଣିଜ୍ୟ ପ୍ରତିଷ୍ଠାନଗୁଡିକରେ ଓଡ଼ିଆ ବିଜ୍ଞାପନ ପଟ୍ଟା ପ୍ରଚଳନ କରିବା ଆବଶ୍ୟକ। କୋର୍ଟ କଚେରିରେ ମଧ୍ୟ ଓଡ଼ିଆ ଭାଷାରେ ରାୟ ପ୍ରକାଶ କଲେ ଲୋକେ ଉପକୃତ ହେବେ। ଶେଷରେ ଆଇନଜୀବୀ ନବୀନ ବେହେରା ଧନ୍ୟବାଦ ଦେଇଥିଲେ।

# ପାରାଦୀପ ପୌରାଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ର ଅବ୍ୟବସ୍ଥା

- ୨୦୧୦ରୁ ଏଯାବତ ୮୪ କେନ୍ଦ୍ରର ଗୃହ ନାହିଁ
- କେନ୍ଦ୍ର ପାଇଁ ଅର୍ଥ ସରକାର ଦେଇଛନ୍ତି
- ବସ୍ତିରେ ଘରଭଡ଼ା ପାଇଁ ବିଜ୍ଞପ୍ତି ହେଉଛି



ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, କୁଜଙ୍ଗ, ଜିଲ୍ଲା-ଜଗତସିଂହପୁର

[illegible]

ପାରାଦୀପ, ୧୧।୩ (ଶରତ ରାଉତ)

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଜରିଆରେ ପାରାଦୀପ ପୌରାଞ୍ଚଳରେ ୨୦୧୦ରୁ ୮୪ ଟି ଅଙ୍ଗନୱାଡି କେନ୍ଦ୍ର ଚାଲିଛି ବୋଲି ସରକାରୀ ଭାବେ କୁହାଯାଇଛି। ସେହି ହିସାବରେ ୮୪ ଜଣ ଅଙ୍ଗନୱାଡି କର୍ମୀ ଓ ସହାୟିକା ନିଯୁକ୍ତି ପାଇଛନ୍ତି। ହେଲେ ୮୪ କେନ୍ଦ୍ରର ଗୃହ ନାହିଁ। ୨୦୧୦ରୁ ସରକାର ଅଙ୍ଗନୱାଡି କେନ୍ଦ୍ର ପାଇଁ ଅର୍ଥ ଦେଇଛନ୍ତି। କିନ୍ତୁ ପରିତାପର ବିଷୟ ଏ ପର୍ଯ୍ୟନ୍ତ ସମଗ୍ର ପାରାଦୀପ ପୌରାଞ୍ଚଳର ୧୯ଟି ଯାକ ୱାର୍ଡରେ କେନ୍ଦ୍ରର ଗୃହ ନାହିଁ। ଏପରି ସ୍ଥିତିରେ କୁଜଙ୍ଗ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ସିଡିପିଓ) କାର୍ଯ୍ୟାଳୟ ପକ୍ଷରୁ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ପାଇଁ ଘରଭଡ଼ା ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି (୨୧୧/୨୧।୨।୨୬)ରେ ଦର୍ଶାଯାଇଛି, ପାରାଦୀପ ନୂଆବଜାର ୧୬ ନଂ. ୱାର୍ଡ ତେଲଗୁସାହି-୧ କେନ୍ଦ୍ର ପାଇଁ ଘରଭଡା ଆବଶ୍ୟକ। ଏଥିରେ ୮ଟି ମାନଦଣ୍ଡ ରହିଛି। ଯଥା ଘର ଉକ୍ତ ଅଞ୍ଚଳରେ ହୋଇଥିବ, ବିଦ୍ୟୁତ ସଂଯୋଗ, ରୋଷେଇ ଘର ଓ ଶୌଚାଳୟ ସୁବିଧା, ଶିଶୁମାନଙ୍କ ବସିବା ପାଇଁ ସୁବିଧା, ପାନୀୟଜଳ ଓ ଶୌଚାଳୟ ପାଇଁ ପାଣି ବ୍ୟବସ୍ଥା, ପରିବେଶ ସଫା, ପାଖରେ କୂଅ, ପୋଖରୀ, ଜଳାଶୟ, ମଦ ଦୋକାନ ନ ଥିବା ଦରକାର, ସର୍ବନିମ୍ନ ଘରଭଡା ଓ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଭଡା ହେବା ବାଞ୍ଛନୀୟ। ଉକ୍ତ ବିଜ୍ଞପ୍ତି ଅବଧି ୨୭।୨।୨୬ ପର୍ଯ୍ୟନ୍ତ ଥିଲା। କିନ୍ତୁ ମାର୍ଚ୍ଚ ୧୧ ତାରିଖ ପର୍ଯ୍ୟନ୍ତ ଉକ୍ତ କେନ୍ଦ୍ର ପାଇଁ କେହି ଆବେଦନ କରିନାହାନ୍ତି। କାରଣ ଉକ୍ତ ବସ୍ତିରେ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ମାନଦଣ୍ଡ ଅନୁସାରେ କାହାର ଘର ନାହିଁ। କାରଣ ଉକ୍ତ ବସ୍ତି ପାରାଦୀପ ବନ୍ଦର ଜାଗାରେ ଜବରଦଖଲ ଦ୍ୱାରା ହୋଇଛି। ଏଥିରେ କୌଣସି ଘର ପାଇଁ ବିଦ୍ୟୁତ, ପାଣି ଯୋଗାଣ ବ୍ୟବସ୍ଥା ନାହିଁ। ଏଭଳି ଅବସ୍ଥା ପାରାଦୀପର ୮୪ ଟି ଅଙ୍ଗନୱାଡି କେନ୍ଦ୍ରରେ ରହିଛି।

ସୂଚନାଯୋଗ୍ୟ, ଉକ୍ତ ନୋଳିଆସାହି-୧ କେନ୍ଦ୍ର ପାଇଁ ଅଙ୍ଗନୱାଡି କର୍ମୀ ଥିବା ଶୁମସ୍ମିତା ବିଶ୍ୱାଳଙ୍କୁ ଗତ ୨୫।୨।୨୬ (ଚିଠି ନଂ. ୪୪୭୭)ରେ ଜଗତ୍‌ସିଂହପୁର ଜିଲା ପ୍ରଶାସନ ନିଲମ୍ବିତ କରିଛନ୍ତି। ସେଠାରେ ସ୍ଥାନୀୟ କାଉନସିଲର ଓ ଅନ୍ୟମାନେ ଲିଖିତ ଅଭିଯୋଗ କରିବା ଯୋଗୁ ତାଙ୍କୁ ନିଲମ୍ବନ କରାଯାଇଥିଲା। କିନ୍ତୁ ଅନ୍ୟ ୮୩ଟି ଅଙ୍ଗନୱାଡି କେନ୍ଦ୍ରରେ ସମାନ ଅବସ୍ଥା। ପାରାଦୀପରେ ଆଦୌ ଅଙ୍ଗନୱାଡି କେନ୍ଦ୍ର ଗୃହ ନ ଥିଲା ବେଳେ ସେହି ସବୁରେ ୧୮୫୨ ଜଣ ଶିଶୁ ପଢୁଛନ୍ତି ବୋଲି ଜନସୂଚନା ଆଇନ ତଥ୍ୟ (ଚିଠି ନଂ. ୬୬୯)ରୁ ଜଣାପଡିଛି। ଉକ୍ତ ଶିଶୁଙ୍କ ପାଇଁ ପୋଷାକ, ଖେଳନା, ପୁଷ୍ଟିକର ଖାଦ୍ୟ, ସବୁ ଯୋଗାଣ ହେଉଛି। ପ୍ରତ୍ୟେକ ଅଙ୍ଗନବାଡି କର୍ମୀଙ୍କ ସହିତ ସ୍ଥାନୀୟ କାଉନସିଲରମାନଙ୍କର ଯୁଗ୍ମ ବ୍ୟାଙ୍କ ଆକାଉଣ୍ଟ ରହିଛି। ଉକ୍ତ ଆକାଉଣ୍ଟ ଜରିଆରେ ଅର୍ଥ ଆସେ। ଏମିତି ଅନେକ ଅସାମଞ୍ଜସ୍ୟ ଥିବା ସତ୍ତ୍ୱେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହେନା



@ ଦୀପକ



@ ତପନ



@ ଗୁଡୁ



@ ପ୍ରଜ୍ଞାଦୀପ



@ ପ୍ରିୟଙ୍କା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କାଜୁ, କେନ୍ଦୁପତ୍ର ଟେଣ୍ଡର ବାତିଲ ଦାବି

- ମୁଖ୍ୟ ଶାସନ ସଚିବଙ୍କୁ ଫେରାଦ୍
- ହକ୍ ନ ମିଳିଲେ ଦୁରୁଦା ବନବାସୀଙ୍କ ଆନ୍ଦୋଳନ ଚେତାବନୀ
- ଗୋଷ୍ଠୀ ଜଙ୍ଗଲ ଅଧିକାର ପ୍ରମାଣ ପତ୍ର ପରେ ବି ଟେଣ୍ଡର

ନୟାଗଡ଼, ୧୧।୩(ଲୋକନାଥ ମିଶ୍ର)



ଟେଣ୍ଡର ବାତିଲ ପାଇଁ ଦୁରୁଦା ଗ୍ରାମବାସୀଙ୍କ ସଭା ।

ନୟାଗଡ଼ ଜିଲା ଓଡଗାଁ ତହସିଲ ଦୁରୁଦା ଗ୍ରାମା ଅଞ୍ଚଳରେ ଥିବା ଗୟଳସିଂହ ସଂରକ୍ଷିତ ଜଙ୍ଗଲରେ ବସବାସ ଓ ଚଳିବା ପାଇଁ ଗୋଷ୍ଠୀ ଜଙ୍ଗଲ ଅଧିକାର ପ୍ରମାଣପତ୍ର ପାଇଥିବା ବନବାସୀଙ୍କର କାଜୁ ଓ କେନ୍ଦୁପତ୍ର ଗଛ ଗୁଡିକୁ ଟେଣ୍ଡର କରାଯିବା ପରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରଶାସନିକସ୍ତରରେ ତଦନ୍ତ କରି ତୁରନ୍ତ କାଜୁ ଓ କେନ୍ଦୁପତ୍ର ଟେଣ୍ଡରକୁ ବାତିଲ କରିବାକୁ ବନବାସୀ ଦାବି କରିଛନ୍ତି। ଏନେଇ ମୁଖ୍ୟ ଶାସନ ସଚିବଙ୍କୁ ବନବାସୀ ଫେରାଦ୍ ହୋଇଛନ୍ତି। ଅନ୍ୟପକ୍ଷେ ପ୍ରଶାସନ ଏହାର ପ୍ରତିକାର ନ କଲେ ବନବାସୀମାନେ ବାଧ୍ୟ ହୋଇ ଆନ୍ଦୋଳନ ପନ୍ଥା ଆପଣେଇବେ ବୋଲି ଚେତାବନୀ ଦେଇଛନ୍ତି।

ବାପା ଜେଜେବାପ ଅମଳରୁ ଓଡଗାଁ ରେଞ୍ଜର ଗୟଳସିଂହ ସଂରକ୍ଷିତ ଜଙ୍ଗଲରେ ବାଣ୍ଟପୁର ପଞ୍ଚାୟତ ଦୁରୁଦା ଗ୍ରାମରେ ମାଲୁଆ କନ୍ଧମାନେ ରହି ଆସୁଛନ୍ତି। ୧୯୭୦ରେ ଗୟଳସିଂହ ସଂରକ୍ଷିତ ଜଙ୍ଗଲରେ ସରକାର କାଜୁ ଗଛ ଲଗାଇଥିଲେ। ଏହାର ରକ୍ଷଣାବେକ୍ଷଣ କରି ଦୁରୁଦା ଗ୍ରାମରେ ମାଲୁଆ କନ୍ଧମାନେ ଫଳ ଉପଭୋଗ କରି ଆସୁଛନ୍ତି। ଏଭଳିସ୍ଥଳେ ଓଡିଶା ଫରେଷ୍ଟ ଡେଭଲପ୍‌ମେଣ୍ଟ କର୍ପୋରେଶନ ଲିମଟେଡର (ଓଏଫଡିସିଏଲ) କାଜୁ ଜଙ୍ଗଲକୁ ବହୁ ବର୍ଷ ହେଲା ନିଲାମ କରି ଆସୁଛି। ଦୁରୁଦା ଅଞ୍ଚଳର ବନବାସୀ ବାରମ୍ବାର ସେମାନଙ୍କର ହକ ଦାବି କରି ଆସୁଥିଲେ ମଧ୍ୟ ସୁଫଳ ମିଳିନି। ତେବେ ୩୧।୧୨।୨୫ରେ ବନବାସୀମାନେ ଜିଲାପାଳଙ୍କଠାରୁ ୨୭ ହେକ୍ଟରର ଜଙ୍ଗଲ ଜମିକୁ ଦଖଲ କରି ରହିବାକୁ ଗୋଷ୍ଠୀ ଜଙ୍ଗଲ ଅଧିକାରୀ ପ୍ରମାଣ ପତ୍ର ଦେଇଛନ୍ତି। ପ୍ରଶାସନଠାରୁ ମିଳିଥିବା ପ୍ରମାଣ ପତ୍ରରେ କାଜୁ ଜଙ୍ଗଲ ଓ କେନ୍ଦୁପତ୍ର ଜଙ୍ଗଲ ରହିଛି।

ଏନେଇ ଗୋଷ୍ଠୀ ଜଙ୍ଗଲ ସୁରକ୍ଷା ସଂରକ୍ଷଣ ପରିଚାଳନା କମିଟି ସଭାପତି ଧାରଞ୍ଜନ ଜାନି କୁହନ୍ତି, ଜଙ୍ଗଲକୁ ଆମେ ସୁରକ୍ଷା ଦେଇଛୁ। ଜଙ୍ଗଲରୁ କେନ୍ଦୁପତ୍ର ଓ କାଜୁ ସଂଗ୍ରହ କରି ଆମର ଜୀବିକା ଚଳୁଛି। ତେବେ ଏହାକୁ ଟେଣ୍ଡର କରିବା ପରେ ଆମ ଜୀବନଜୀବିକା ଉପରେ ପ୍ରଭାବ ପଡିଛି। ଆମେ ଏହା ବିରୋଧରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରତିବାଦ କରି ଆସୁଛୁ। ତେବେ ଆମ ଅଭିଯୋଗ କେହି ଶୁଣୁ ନାହାନ୍ତି। ଆମେ ଗୋଷ୍ଠୀ ଜଙ୍ଗଲ ଅଧିକାର ପ୍ରମାଣପତ୍ର ପାଇବା ପରେ ଜଙ୍ଗଲ ଜମିର ଗଛ ଟେଣ୍ଡର କରାଯାଇ ପାରିବନି। ତେବେ ଟେଣ୍ଡର ନେଇଥିବା ବ୍ୟକ୍ତି ଜଙ୍ଗଲର କେଉଁ ଅଞ୍ଚଳକୁ ଟେଣ୍ଡର ନେଇଛନ୍ତି ତାହା ଉଲ୍ଲେଖ ନାହିଁ। କିନ୍ତୁ କାଜୁ ଜଙ୍ଗଲ ଦୁରୁଦାକୁ ଟେଣ୍ଡର ନେଇଛନ୍ତି ବୋଲି ଉଲ୍ଲେଖ ରହିଛି। ନିକଟରେ ଓଡଗାଁ ତହସିଲଦାର, ଆରଆଇ ଓ ସୁପର ଭାଇଜର ଆସି ଆପୋକ୍ଷ ସମାଧାନ ପାଇଁ ମତାମତ ରଖିଥିଲେ। ଓଏଫ୍‌ଡିସିର କର୍ମଚାରୀଙ୍କୁ ତହସିଲଦାର ପ୍ରଶ୍ନ କରିଥିଲେ ଗୋଷ୍ଠୀ ଜଙ୍ଗଲ ଅଧିକାର ପ୍ରମାଣ ପତ୍ର ପାଇଥିବା ଅଞ୍ଚଳ କିପରି ଟେଣ୍ଡର ହେବ। ତେବେ ଆମେ ପେଟ ପାଟଣା ପାଇଁ ଲଢ଼େଇ କରିଛୁ, ଆମକୁ ଆମ ହକ ମିଳୁ ବୋଲି କହିଥିଲେଣ୍। ବନବାସୀ ଜାଙ୍କସିନି ଜାନୀ କୁହନ୍ତି, ଟେଣ୍ଡର ନେଇଥିବା ବ୍ୟକ୍ତି ଜଙ୍ଗଲ ମଧ୍ୟରେ ଗାଡି ବୁଲାଇ କେନ୍ଦୁପତ୍ର ଗଛ ଭଙ୍ଗାରୁଜା କରି ନଷ୍ଟ କରି ଦେଇଛନ୍ତି। ଆମ ବନବାସୀଙ୍କର ବିରୋଧ ପରେ ସୁଫଳ ମିଳିଲା ନାହିଁ। ଏବ ପୁଣି ଆମ ଗାଁ ଲୋକଙ୍କ ପ୍ରଚେଷ୍ଟାରେ କେନ୍ଦୁ ଗଛ ଉଠିଛି। ଆମର ଦାବି ଆମର ଜଙ୍ଗଲ ପ୍ରମାଣ ପତ୍ର ଥାଇ କାହିଁକି କାଜୁ ଓ କେନ୍ଦୁପତ୍ର ଟେଣ୍ଡର କରାଯାଉଛି। ଆମ ଜଙ୍ଗଲ ଆମକୁ ଦିଆଯାଉ, ତୁରନ୍ତ ଉଭୟ ଟେଣ୍ଡରକୁ ବାତିଲ କରାଯାଉ ବୋଲି ଦାବି କରିଛନ୍ତି।

# ରୋଗୀ କଲ୍ୟାଣ ସମିତି ବୈଠକ




ବୈଠକରେ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

ନୟାଗଡ଼, ୧୧।୩(ଲୋକନାଥ ମିଶ୍ର)

## ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ନୟାଗଡ଼ ବ୍ଲକ୍ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୌଦାମିନୀ ପଣ୍ଡା, ଯନ୍ତ୍ରୀ କୁମାରୀ ବିଜୟଲକ୍ଷ୍ମୀ, ବଡ଼ପଣ୍ଡୁସର ସରପଞ୍ଚ ବନିତା ନାୟକ, ସାମାଜିକ କର୍ମୀ ମୀନକେତନ ପ୍ରଧାନ ଓ ବରିଷ୍ଠ ନାଗରିକ ବାବାଜୀ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଓ ବିଗତ ବର୍ଷର ବିଭିନ୍ନ ବାବଦ ଅନୁଦାନ ଅର୍ଥ ବିନିଯୋଗ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ସରକାରଙ୍କ ମଞ୍ଜୁର ଅର୍ଥ ଆଗାମୀ ବର୍ଷ ପାଇଁ କେଉଁ ବାବଦରେ ଖର୍ଚ୍ଚ ହେବ ସେନେଇ ବିଧାୟକ ମତ ରଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପଦବୀ ପୂରଣ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ନେଇ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଜ୍ଞାନ ଜ୍ୟୋତି ଦାସ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶରଣକୁଳ ଆଇଟିଆଇ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ପ୍ରତି ଅବହେଳା

ଶରଣକୁଳ, ୧୧।୩ (ଦୀପକ କର)

ଶରଣକୁଳରେ ଆଇଟିଆଇ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାକୁ ନେଇ ଅବହେଳା କରାଯାଉଥିବା ଜଣାପଡୁଛି। ରାଜ୍ୟ ସରକାରଙ୍କ ସ୍କିଲ ଡେଭଲପମେଣ୍ଟ ଆଣ୍ଡ ଟେକନିକାଲ ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୪୯୫୭ ଅନୁଯାୟୀ ଶରଣକୁଳରେ ନୂତନ ଆଇଟିଆଇ ଶିଳ୍ପ ତାଲିମ କେନ୍ଦ୍ର ଖୋଲିବାକୁ ୭ମାସ ତଳେ ଟେକନିକାଲ ଏଜୁକେସନ ଆଣ୍ଡ ଟ୍ରେନିଂକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଆଇଟିଆଇ ଶିଳ୍ପ ତାଲିମ କେନ୍ଦ୍ର କାର୍ଯ୍ୟ ଆଗେଇ ଥିବା ଚର୍ଚ୍ଚା ହେଉଛି। ଶରଣକୁଳରେ ନୂତନ ଆଇଟିଆଇ ଶିଳ୍ପ ତାଲିମକେନ୍ଦ୍ର ଖୋଲିବା ପାଇଁ ପୁରୀ ଏମ୍‌ପି ସମ୍ବିତ ପାତ୍ର ଓ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢୀଙ୍କ ଅବଦାନ ଯୋଗୁ ଏହା ସମ୍ଭବପର ହୋଇପାରିଛି। କିନ୍ତୁ ବି ବିଷୟ ଚିଠି ପ୍ରକାଶ ପାଇବାର ୭ମାସ ବିତିଯାଇଥିଲେ ମଧ୍ୟ ଆଇଟିଆଇ ଶିଳ୍ପ ତାଲିମ କେନ୍ଦ୍ର ପ୍ରତିଷ୍ଠା କେବେ ହେବ ତାହା ପ୍ରଶ୍ନବାଚୀ ହୋଇଛି। ଶରଣକୁଳ ଅଞ୍ଚଳରେ ଏହି ପ୍ରତିଷ୍ଠାନ ଗଢି ଉଠିଲେ ନୟାଗଡ଼ ଜିଲା ଏବଂ ଆଖପାଖ ଜିଲାର ହଜାର ହଜାର ଶିକ୍ଷାର୍ଥୀ ଏହାର ସୁବିଧା ପାଇପାରିବେ କିନ୍ତୁ ଶରଣକୁଳକୁ ପ୍ରଶାସନିକସ୍ତରରେ ଅବହେଳା କରାଯାଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସରକାରଙ୍କ ସ୍କିଲ ଡେଭଲପମେଣ୍ଟ ଆଣ୍ଡ ଟେକନିକାଲ ବିଭାଗ ଚିଠି ଜିଲା ପ୍ରଶାସନ ପାଖରେ ହସ୍ତଗତ ହୋଇଛି କି ନାହିଁ ତାହା ପ୍ରଶ୍ନବାଚୀ ହୋଇ ଠିଆହୋଇଛି। ତୁରନ୍ତ ଶରଣକୁଳରେ ଆଇଟିଆଇ ପ୍ରତିଷ୍ଠାନ ଖୋଲିବାକୁ ସାଧାରଣରେ ଦାବି ହେଉଛି।

# ସଫଳ ଉଦ୍ୟୋଗୀ ହେବା ପାଇଁ ୨୦ ଛାତ୍ରୀଙ୍କୁ ଜିଲାପାଳଙ୍କ ପରାମର୍ଶ

ନୟାଗଡ଼, ୧୧।୩(ଲୋକନାଥ ମିଶ୍ର)

ନୂଆ ଓଡ଼ିଶା ଯୋଜନା ଅଧିନରେ ବିୟୁଟି ଓ ୱେଲନେସ' ପ୍ରଶିକ୍ଷଣ ପ୍ରାପ୍ତ ୨୦ ଜଣ ଅନୁସୂଚିତ ଜନଜାତି ଛାତ୍ରୀଙ୍କୁ ଗୃହ ସେବା କିଟ ଓ ଉଦ୍ୟୋଗୀ ବ୍ୟାନର ଆଦି ବୁଧବାର ନୟାଗଡ଼ ଜିଲାପାଳ ମଧୁମିତା ରଥ ପ୍ରଦାନ କରିଛନ୍ତି। ଜିଲାପାଳ ସେମାନଙ୍କୁ ସଫଳ ଉଦ୍ୟୋଗୀ ହେବା ପାଇଁ ଉତ୍ସାହିତ କରିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଏବଂ ଉପ-ଜିଲାପାଳ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ହେନା



@ ଦୀପକ



@ ତପନ



@ ଗୁରୁ



@ ପ୍ରଜ୍ଞାଦୀପ



@ ପ୍ରିୟଙ୍କା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାମାଜିକ କର୍ମୀ ଭିକାରୀ ପାତାଳସିଂହଙ୍କ ସ୍ମୃତିଚାରଣ ସଭା

ରଣପୁର, ୧୧।୩(ସୁକାନ୍ତ କିଶୋର ଡାକୁଆ)

ରଣପୁର ବ୍ଲକ୍ କାସନ୍ଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଭିକାରୀ ଚରଣ ପାତାଳସିଂହଙ୍କ ଏକାଦଶାହ ସ୍ମୃତିଚାରଣ ସଭା ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ବରାଳଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ କିଶୋର ଚନ୍ଦ୍ର ପରମଗୁରୁ ଯୋଗଦେଇ ଭିକାରୀ ପାତାଳସିଂହ ଜଣେ ନିର୍ବିବାଦୀୟ ସାମାଜିକ କର୍ମୀ ଓ ନିରପେକ୍ଷ ଜନନେତା ଥିଲେ। ବାମପନ୍ଥୀ ଚିନ୍ତାଧାରାରୁ ତାଙ୍କର ରାଜନୈତିକ ଜୀବନ ଆରମ୍ଭ ହୋଇଥିଲେ ବି ଜଣେ ବିଶିଷ୍ଟ ନ୍ୟାୟବିତ୍ ଭାବରେ ଖୋର୍ଦ୍ଧା ଓ ନୟାଗଡ଼ ଜିଲାରେ ସୁନାମ ଅର୍ଜନ କରିଥିଲେ। ମୁଖ୍ୟବକ୍ତା ଭାବରେ ଆଡଭୋକେଟ ଗିରିଜାକାନ୍ତ ପଟ୍ଟନାୟକ ଯୋଗଦେଇ ଭିକାରୀବାବୁଙ୍କର ବିରଳ ମାନବବାଦୀ କାର୍ଯ୍ୟାବଳୀର ଅବତାରଣା କରିଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ସାମନ୍ତରାୟ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ବଳିୟାରସିଂହ, ଶିକ୍ଷାବିତ୍ ନିରଞ୍ଜନ ପାଇକରାୟ, କଂଗ୍ରେସ ନେତା ବିଭୁପ୍ରସାଦ ମିଶ୍ର, ଶିକ୍ଷାବିତ୍ ଭାଗୀରଥି ବରାଡ଼ ଯୋଗଦେଇ ସ୍ୱର୍ଗତ ପାତାଳସିଂହଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନକୁଳ ରାଉତରାୟ, ଗୋପାଳ ଚନ୍ଦ୍ର ମହାନ୍ତି, ଫକୀର ଚରଣ ସ୍ୱାଇଁ, ସବ୍ୟସାଚୀ ସେନାପତି, ଶିଳ୍ପପତି ଶିଶିର କୁମାର ସାହୁ, ପ୍ରଫୁଲ୍ଲ କୁମାର ପାତାଳସିଂହ, ଧନେଶ୍ୱର ପାତାଳସିଂହ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସଭା ଆରମ୍ଭରେ ମନୋଜ କୁମାର ଗୁମାନସିଂହ ଗୀତାର ପଞ୍ଚଦଶ ଅଧ୍ୟାୟ ପାଠ କରିଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ସଭା ସଂଯୋଜନା କରିଥିଲେ। ପ୍ରଦୀପ କୁମାର ପାତାଳସିଂହ ଧନ୍ୟବାଦ ଦେଇଥିଲେ।



ସଭାରେ ସ୍ମୃତିଚାରଣ କରାଯାଉଛି।

# ଦୀକ୍ଷାନ୍ତ ଉତ୍ସବରେ ୧୯୯ ପ୍ରଶିକ୍ଷାର୍ଥୀ ପାସ୍‌ଆଉଟ୍

- ପ୍ରଥମ ଥର ପାଇଁ ତାଲିମ ନେଇଥିଲେ ପିଏମ୍‌ଟି କ୍ୟାଡର ଯାନ ଚାଳକ
- ୩ ବ୍ୟାଚ ଆଗକୁ ନେବେ ତାଲିମ

ନୟାଗଡ଼, ୧୧।୩(ଲୋକନାଥ ମିଶ୍ର)



ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ନିର୍ଦ୍ଦେଶକ ଅନୁପ କୁମାର ସାହୁ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍)ରେ ପ୍ରଥମ ବ୍ୟାଚ୍ ପୋଲିସ ମୋଟର ଟ୍ରାନ୍ସପୋର୍ଟ କ୍ୟାଡର ଯାନ ଚାଳକ ପ୍ରଶିକ୍ଷାର୍ଥୀମାନଙ୍କର ଦୀକ୍ଷାନ୍ତ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୧୯୯ ପୋଲିସ ମୋଟର ଟ୍ରାନ୍ସପୋର୍ଟ କ୍ୟାଡର ଯାନ ଚାଳକ ୩ ମାସ ମଧ୍ୟରେ ତାଲିମ ଶେଷକରି ପାସ୍ ଆଉଟ୍ ହୋଇଛନ୍ତି। ପ୍ରଥମ ଥର ପାଇଁ ପିଟିଏସ୍‌ରେ ଯାନ ଚାଳକଙ୍କ ପାଇଁ ତାଲିମ ବ୍ୟବସ୍ଥା ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଦୀକ୍ଷାନ୍ତ ଉତ୍ସବରେ ଆଇଜି(ଟ୍ରେନିଂ) ତଥା ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ନିର୍ଦ୍ଦେଶକ ଅନୁପ କୁମାର ସାହୁ ଯୋଗଦେଇ ପରେଡ୍ ପରିଦର୍ଶନ ଓ ଅଭିଭାଦନ ଗ୍ରହଣ କରିଥିଲେ। ଆଇଜି ସାହୁ କହିଥିଲେ, ତାଲିମ ନେଇଥିବା ପୋଲିସ ମୋଟର ଟ୍ରାନ୍ସପୋର୍ଟ କ୍ୟାଡର ଯାନ ଚାଳକଙ୍କୁ ୩ ମାସିଆ ତାଲିମ ଦିଆଯାଇଛି। ତାଲିମରେ ନ୍ୟାୟ ସଂହିତା ଓ ନୂଆ ଟେକ୍ନୋଲୋଜିକୁ ସାମିଲ କରାଯାଇଛି। ଅନ୍ୟପକ୍ଷେ ପ୍ରଶିକ୍ଷାର୍ଥୀ ଶପଥକୁ ମନେ ରଖି କାର୍ଯ୍ୟ କରିବାକୁ ପଡିବ। ଆଶା କରୁଛି ସେମାନେ ଭଲ କାମ କରି ଦେଶ ଓ ରାଜ୍ୟ ପାଇଁ ସୁନାମ ଆଣି ପାରିବେ।

ସେହିପରି ଦେଶ ଓ ପୋଲିସ ସେବାରେ ନିଜକୁ ଉତ୍ସର୍ଗ କରି ପାରିବେ। ପ୍ରଥମ ଥର ପାଇଁ ତାଲିମ ଶେଷ ପରେ ପିଟିଏସ୍‌ଠାରେ ଆଉ ୩ଟି ବ୍ୟାଚର ତାଲିମ ହେବବୋଲି କହିଥିଲେ। ଏହି ଅବସରରେ ପିଟିଏସ୍ ଅଧ୍ୟକ୍ଷ ଭବେଶ ନାୟକ ଉତ୍ସବକୁ ପରିଚାଳନା କରିବା ସହ ନିଜ ଅଭିଭାଷଣରେ ୧୯୬୨ରେ ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ ରୁକ୍ଷୀ ପାହାଡ ପାଦ ଦେଶରେ କାର୍ଯ୍ୟ କରି ଆସୁଛି। ଏଠାରେ କର୍ତ୍ତବ୍ୟ ସମ୍ପାଦନା ସମୟରେ ମାଓବାଦୀଙ୍କ ସହିତ ସମ୍ମୁଖ ଯୁଦ୍ଧରେ ଅନେକ ବୀର ଯବାନ ଶହୀଦ ହୋଇଛନ୍ତି। ଅନ୍ୟପକ୍ଷେ ଏଠାରୁ ତାଲିମ ପାଇ ଅନେକ ବୀର ଯବାନ ଓଡ଼ିଶାର କୋଣ ଅନୁକୋଣେ ନିୟୋଜିତ ଅଛନ୍ତି। ପୂର୍ବରୁ ମୋଟର ଟ୍ରାନ୍ସପୋର୍ଟ କ୍ୟାଡର ଯାନ ଚାଳକଙ୍କ ପାଇଁ କୌଣସି ତାଲିମ୍ ବ୍ୟବସ୍ଥା ନ ଥିଲା। ଯାନବାହାକ ଚାଳକମାନେ ପୋଲିସ ବିଭାଗର ଅବିଚ୍ଛେଦ୍ୟ ଅଙ୍ଗ ତଥା ହୃତ୍‌ପିଣ୍ଡ ହୋଇଥିବାରୁ ତୃଣମୂଳସ୍ତରରେ ନିଜର କାର୍ଯ୍ୟ ସମ୍ପାଦନ ନିମନ୍ତେ ମୌଳିକ ପ୍ରଶିକ୍ଷଣ ନିହାତି ପ୍ରୟୋଜନ ରହିଥିଲା। ଏଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ତାଲିମ ବ୍ୟବସ୍ଥା କରାଯିବା ପରେ ୨୦୨୫ ଅକ୍ଟୋବର ୧୨ରୁ ୨୦୦ ଜଣ ପ୍ରଶିକ୍ଷାର୍ଥୀ ଏଠାରେ ପ୍ରଶିକ୍ଷଣ ଆରମ୍ଭ କରିଥିଲେ। ୨୦୦ରୁ ୧୯୯ ଜଣ ତାଲିମ ପାଇ ପାସ୍ ଆଉଟ୍ ହୋଇଛନ୍ତି। ସଂପୃକ୍ତ ପ୍ରଶିକ୍ଷାର୍ଥୀମାନେ ଓଡ଼ିଶାର ବିଭିନ୍ନ ଜିଲା, ବଟାଲିଅନ, ପିଏମ୍‌ଟି କଟକ, ଭିଜିଲାନ୍ସ ତଥା ୟୁପିଡି ଭୁବନେଶ୍ୱରରୁ ଆସି ତାଲିମ ନେଉଥିଲେ। ମୋଟର ଟ୍ରାନ୍ସପୋର୍ଟ କ୍ୟାଡର ଯାନ ଚାଳକମାନଙ୍କୁ ନୂତନ ପାଠ୍ୟକ୍ରମ ଅନୁସାରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଚାଳନା, ଶାରୀରିକ ଶିକ୍ଷା, ଲାଠି ଚାଳନା, ଯୋଗାସନ, ସେଲ୍ଫ ଡିଫେନ୍ସ, ଯୁଦ୍ଧ ଭୂମିର କଳା କୌଶଳ, ନୂତନ ପ୍ରଚଳିତ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସଂହିତା, ଭାରତୀୟ ସାକ୍ଷ୍ୟବିଧି ଅଧିନିୟମ ଓ କନଷ୍ଟେବଲ୍ ମାନଙ୍କର ଡ୍ୟୁଟି ସମ୍ପର୍କରେ ତାଲିମ ଦିଆଯାଇଥିଲା। ପ୍ରଶିକ୍ଷାର୍ଥୀମାନେ ଯେପରି ଶାରୀରିକ ଓ ମାନସିକ ଉତ୍କର୍ଷ ପ୍ରତିପାଦନ କରି ପୋଲିସ ବିଭାଗରେ ସୁନାମ ଆଣିବେ ଓ ବଜାୟ ରଖିବେ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଇ ଅନୁରୂପ ତାଲିମ ପ୍ରଦାନ କରାଯାଇଛି ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଏସ୍‌ପି ଏସ. ସୁଶ୍ରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ମୟୁରଭଞ୍ଜର ପ୍ରଶିକ୍ଷାର୍ଥୀ ସିଙ୍କୁ ଦେହୁରୀ ପ୍ରଥମ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ସିଙ୍କୁଙ୍କ ପରି ବାଲେଶ୍ୱରର ରୁଦ୍ର ପ୍ରସାଦ ସ୍ୱାଇଁ, ଗଜପତିର ରଶ୍ମୀ ରଞ୍ଜନ ସେଠୀ ଓ ରାମଚନ୍ଦ୍ର ମଲ୍ଲିକ, ରାଉରକେଲାର ଜିତୁନ କୁମାର ପଣ୍ଡା, ପୁରୀର ଦୁଷ୍ମନ୍ତ କୁମାର ପ୍ରଧାନ ଓ ବିଶ୍ୱଜିତ୍ ଛାଟୋ, କୋରାପୁଟର ଲକ୍ଷ୍ମୀକାନ୍ତ ନାୟକ, କନ୍ଧମାଳର ପ୍ରଶାନ୍ତ କୁମାର ନାୟକ, ସୁନ୍ଦରଗଡର ଗୁରୁ ନାରାୟଣ ମୁଣ୍ଡା ପ୍ରମୁଖ ୧୪ଜଣ ଅନୁରୂପ ଭାବେ ପୁରସ୍କୃତ ହୋଇଥିଲେ। ସେହିଭଳି ଅବସର ନେଇଥିବା ସବ୍‌ଇନ୍ସପେକ୍ଟର ରାଘବ ପ୍ରଧାନ ଓ ଭିକାରୀ ଚରଣ ସାହୁ, ସହକାରୀ ସବ୍‌ଇନ୍ସପେକ୍ଟର ବିଜୟାନନ୍ଦ ଶୁକ୍ଳଙ୍କୁ ଅନୁରୂପ ଭାବେ ସମ୍ମାନିତ କରାଯାଇଛି।

